ବର୍ଷ-୨୬, ସଂଖ୍ୟା-୧୧୦
ଭୁବନେଶ୍ୱର
୨୩, ଏପ୍ରିଲ୍ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.୧୧୦
Bhubaneswar
23 April, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆନ୍ ହାଥ୍ଆୱେଙ୍କୁ ସବୁଠାରୁ ସୁନ୍ଦରୀ ତାରକା

# ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସ୍ଥାନର ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ସୂଚନା ଜାରି

ଭୁବନେଶ୍ୱର, ୨୨।୪(ମହାଭାରତ) : ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି।




ସୁପାରିଶ୍ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପୂର୍ବ ପ୍ରକାଶିତ ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ୍ ଏବଂ ବ୍ଲକଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡ଼ିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଏବଂ ଜନପ୍ରତିନିଧିମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ଅନେକ ପ୍ରସ୍ତାବ ଓ ପରାମର୍ଶ ପ୍ରାପ୍ତ ହୋଇଥିଲା।

ପ୍ରାପ୍ତ ହୋଇଥିବା ସମସ୍ତ ପ୍ରସ୍ତାବ ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମୀକ୍ଷା କରାଯାଇଥିଲା। ସୁପାରିଶ୍ ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି ।

ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧିମାନେ ଏବଂ ଜନସାଧାରଣ ସେମାନଙ୍କର ମତାମତ ତଥା ସୁଚିନ୍ତିତ ପରାମର୍ଶ ଏପ୍ରିଲ୍ ୨୨ ତାରିଖଠାରୁ ଏକ ମାସ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଲୋକସେବା ଭବନ, ଭୁବନେଶ୍ୱର - ୭୫୧୦୦୧ ଠିକଣାରେ ପତ୍ର କିମ୍ବା ଇ-ମେଲ୍ : isbdr-rev.od@od.gov.in ଅଥବା revsec.od@od.gov.in ମାଧ୍ୟମରେ ପଠାଇବାକୁ ଅନୁରୋଧ କରାଯାଇଛି ।

# ଇଣ୍ଡି ମେଣ୍ଟର ଅସଲ ମୁଖା ଖୋଲିଗଲା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୪(ମହାଭାରତ) : ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇ ନପାରିବା ପ୍ରତିବାଦରେ ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ବୁଧବାର ରାଜଧାନୀ ଭୁବନେଶ୍ୱରରେ ପ୍ରଦର୍ଶନୀ ପଡ଼ିଆରୁ ଲୋୟର ପିଏମ୍ ଜି ପର୍ଯ୍ୟନ୍ତ ବିଶାଳ "ଜନ ଆକ୍ରୋଶ ମହିଳା ପଦ ଯାତ୍ରା" ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାରେ ସମାଜରୁ ଆସିଥିବା ପ୍ରତ୍ୟେକ ବର୍ଗର ମହିଳା କଳା ପଟି ପିନ୍ଧି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବା ବିରୋଧୀ ନେତାଙ୍କ କୁଶପୁତ ଳିକା ଦାହ କରାଯାଇଥିଲା ।



ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧି ଦଳଗୁଡ଼ିକ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି । ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି ବିରୋଧୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳ ଗୁଡ଼ିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି । ଏହା କେବଳ "ଏକ ବିଲ୍ ର ପରାଜୟ ନୁହେଁ, ବରଂ ମା' ମାନଙ୍କ ସ୍ୱପ୍ନର ଭ୍ରୁଣହତ୍ୟା" । ଏହା ମୋଦିଙ୍କ ପରାଜୟ ନୁହେଁ, ଦେଶର ସମଗ୍ର ମହିଳାଙ୍କ ପାଇଁ ଶକ୍ତ ଧକ୍କା । ବିଶେଷକରି କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳଗୁଡ଼ିକ କେବଳ ମହିଳାଙ୍କୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବାବେଳେ, ମୋଦୀ ସରକାର ସେମାନଙ୍କୁ ପ୍ରକୃତ ସଶକ୍ତିକରଣ ପ୍ରଦାନ କରିବାକୁ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଆଜିର ଏହି ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ ଏବଂ ଏହି ଜନ ଆକ୍ରୋଶରେ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ । ମହିଳାମାନେ ପୁନର୍ବାର ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି । ନାରୀମାନଙ୍କ ପାଇଁ ସଂସଦରେ ୧୭ ତାରିଖ ଦିନ ଯେଉଁ ଆଲୋଚନା ହୋଇଥିଲା, ତାହା ଦେଶର ଇତିହାସ ବଦଳିଥାନ୍ତା । କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ଏହି ବିଲକୁ ଅନୁମୋଦନ କରିବାକୁ ଦେଲେ ନାହିଁ । ରାହୁଲ ଗାନ୍ଧୀ ଏବଂ ଅନ୍ୟଦଳ ଗୁଡ଼ିକ ଯେଉଁ ଉତ୍ସବ ପାଳନ କଲେ, ତାକୁ ଯେତେ ନିନ୍ଦା କଲେ କମ ହେବ ଏବଂ ଦେଶବାସୀ କେବେହେଲେ କ୍ଷମା ଦେବେ ନାହିଁ । ବିରୋଧୀମାନେ ବିଲ୍‌କୁ ପୁଣି ସମର୍ଥନ କରିବାକୁ ବାଧ ହେବେ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ନାରୀଶକ୍ତି ରାଷ୍ଟ୍ରଶକ୍ତି । ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଅନେକ ପ୍ରଚେଷ୍ଟା କରୁଛନ୍ତି । ବିଜେପି ସଦାସର୍ବଦା ନାରୀମାନଙ୍କ ସମ୍ମାନ ପାଇଁ ଲଢେଇ କରିଛି । ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ନାରୀ ଶକ୍ତି ବନ୍ଦନ ଅଧିନିୟମ ଦୃଢ଼ୀଭୂତ କରିବ । କଂଗ୍ରେସ ଓ ବିଜେଡି ଉଭୟ ମହିଳା ବିରୋଧୀ । ମହିଳାମାନଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରିବା ପାଇଁ ସଂସଦରେ ଏହି ଅଧିନିୟମ ବିରୋଧରେ କଂଗ୍ରେସ ସମେତ ଡିଏମ୍?କେ, ଟିଏମ୍?ସି, ସମାଜବାଦୀ ପାର୍ଟି ପ୍ରମୁଖ ଭୋଟ ଦେଇଥିବାବେଳେ ବିଜେଡି ସେମାନଙ୍କୁ ସମର୍ଥନ ଜଣାଇଥିଲା । ଓଡ଼ିଶାର ମହିଳାମାନେ ଏହାକୁ କେବେବି କ୍ଷମା ଦେବେ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପୃଥ୍ୱୀରାଜ ହରିଚନ୍ଦନ, ରବିନାଏକ, ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ସାଂସଦ ପ୍ରତାପ ଷଡଙ୍ଗୀ, ଶ୍ରୀମତୀ ଅନିତା ଶୁଭଦର୍ଶନୀ ପଟ୍ଟନାୟକ, ରାଜ୍ୟ ସାଧାରଣ ସଂପାଦିକା ଶ୍ରୀମତୀ ପୂର୍ଣ୍ଣିମା ନାୟକ, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ପରିଶେଷରେ ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ୮ ପ୍ରସ୍ତାବରେ ବାଜିଲା କ୍ୟାବିନେଟ ମୋହର

- ବଲାଙ୍ଗୀରରେ ଅମ୍ବିକା କଟସ୍ପିନର ସ୍ପିନିଂ ୟୁନିଟ୍ ସ୍ଥାପନକୁ ମଞ୍ଜୁରୀ
- କଟସ୍ପିନର ସ୍ପିନିଂ ୟୁନିଟ୍ ପାଇଁ ନିବେଶ ହେବ ୧୨୪କୋଟି
- ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତିକୁ ମଞ୍ଜୁରୀ
- ଓଡ଼ିଶା ରାଜ୍ୟ ତଥ୍ୟ ନୀତି-୨କୁ ମଞ୍ଜୁରୀ
- ଡାଟା ଗଭର୍ଣ୍ଣାନ୍ସ୍ ଫ୍ରେମୱାର୍କକୁ ସଂସ୍ଥାଗତ କରାଯିବ
- କାଠଯୋଡ଼ିରେ ନୂଆ ସେତୁକୁ ମଞ୍ଜୁରୀ
- ତ୍ରିଶୁଳିଆ ଛକରୁ ଜୁଡ଼ିସିଆଲ୍ ଏକାଡେମୀ ଛକକୁ ସଂଯୋଗ କରିବ
- ନୂଆ ସେତୁ ପାଇଁ ଖର୍ଚ୍ଚ ହେବ ୧୫୮କୋଟି ୮୮ଲକ୍ଷ



ଭୁବନେଶ୍ୱର,୨୨/୪(ମହାଭାରତ): ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଶିଳ୍ପ, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ପ୍ରଶାସନିକ ସଂସ୍କାରକୁ ନେଇ ୮ଟି ବିଭାଗର ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବା ସହ ଏହି ନିଷ୍ପତ୍ତି ରାଜ୍ୟର ଅର୍ଥନୀତି ଓ ସାମାଜିକ ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କହିଛନ୍ତି ।

କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ, ଭୁବନେଶ୍ୱର ଓ କଟକ ଦ୍ୱ?ତ ନଗରୀ ମଧ୍ୟରେ ଟ୍ରାଫିକ ସମସ୍ୟା ଓ ଯୋଗାଯୋଗକୁ ସହଜ କରିବା ପାଇଁ କାଠଯୋଡି ନଦୀ ଉପରେ ଆଉ ଏକ ନୂଆ ହାଇଲେଭଲ ବ୍ରିଜ୍ ନିର୍ମାଣ କରାଯିବ। ଏହି ବ୍ରିଜ୍ ତ୍ରିଶୁଳିଆରୁ ଜୁଡିସିଆଲ ଏକାଡେମୀ ଛକ ସହ ସଂଯୋଗ କରିବ । ଏବେ ଥିବା ସୁଭାଷ ଚନ୍ଦ୍ର ବୋଷ ସେତୁର ଉପର ପ୍ରବାହ ପାର୍ଶ୍ୱରରେ ଏହି ବ୍ରିଜ୍ ନିର୍ମାଣ କରାଯିବ ।

ରାଜ୍ୟ ସରକାର ଭୁବନେଶ୍ୱର ବିମାନ ବନ୍ଦରରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାକୁ ୮ଲେନ୍ ବିଶିଷ୍ଟ କରିବା ପାଇଁ ଲକ୍ଷ୍ୟ ରଖିଥିବାରୁ ଓ ଦୁଇ ସହର ମଧ୍ୟରେ ଯାତାୟତ ପାଇଁ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ବ୍ରିଜ୍ ନିର୍ମାଣ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ।ରାଜ୍ୟ କ୍ୟାବିନେଟ୍ ଆଜି ଏହି ବ୍ରିଜ୍ ପ୍ରକଳ୍ପ ପାଇଁ ମେସର୍ସ ଏସପିଏସ. କନ୍ଷ୍ଟ୍ରକ୍ସନ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସର୍ବନିମ୍ନ ଟେଣ୍ଡର ୧୫୮,୮୮,୯୦,୩୦୫ ଟଙ୍କାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ୩୬ମାସ ମଧ୍ୟରେ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହେବ ଓ ଏହାଫଳରେ ଏନଏଚ୍-୧୬ରେ ଟ୍ରାଫିକ ସମସ୍ୟା ଓ ଭିଡ ହ୍ରାସ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି ।

ସେହିପରି ସରକାରୀ ସେବା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ 'ଓଡିଶା ଲୋକସେବା ଅଧିକାର ନିୟମାବଳୀ-୨୦୧୨'ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ସଂଶୋଧନ ଦ୍ୱାରା ଏକ ଦ'ସ୍ୱୟଂଚାଳିତ ଅପିଲ୍ ବ୍ୟବସ୍ଥା' (ଅଟୋ ଅପିଲ୍ ସିଷ୍ଟମ) ପ୍ରଚଳନ କରାଯିବ । ଯଦି କୌଣସି ନାଗରିକଙ୍କୁ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇଥିବା ସେବା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମିଳେନାହିଁ, ତେବେ ସେହି ଆବେଦନଟି ସ୍ୱୟଂଚାଳିତ ଭାବେ ଉପରିସ୍ଥ ଅପିଲ୍ ବା ପୁନଃନିରୀକ୍ଷଣ କର୍ତ୍ତୃପକ୍ଷଙ୍କ ନିକଟରେ ପହଂଚିଯିବ । ପୂର୍ବରୁ ଏଭଳି କୌଣସି ସ୍ୱୟଂଚାଳିତ ବ୍ୟବସ୍ଥା ନଥିଲା, ଯେଉଁଥିପାଇଁ ଲୋକସେବା ଅଧିକାର ଆଇନରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ନାଗରିକ ନିଜର ସେବା ପାଇବାରେ ସକ୍ଷମ ହୋଇପାରୁନଥିଲେ ।

ରାଜ୍ୟ କ୍ୟାବିନେଟ୍ ଆଜି ରାଜ୍ୟରେ ସ୍ୱଚ୍ଛ ଓ ନିରନ୍ତର ଶକ୍ତିର ବ୍ୟବହାରକୁ ବ୍ୟାପକ କରିବା ପାଇଁ 'ଓଡ଼ିଶା ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ ନୀତି'କୁ ମଞ୍ଜୁରୀ ଦେଇଛନ୍ତି । ଏହି ନୀତି ଦ୍ୱାରା ରାଜ୍ୟର ସମସ୍ତ ସହରାଂଚଳରେ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ (ପିଏନଜି) ଓ ଗାଡି ପାଇଁ ସିଏନଜି ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ । ବିଭିନ୍ନ ସଂସ୍ଥାଠାରୁ ଅନୁମତି ପାଇବାରେ ହେଉଥିବା ବିଳମ୍ବକୁ ଦୂର କରିବା ପାଇଁ ପ୍ରକ୍ରିୟାକୁ ସରଳୀକୃତ କରାଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏଥିପାଇଁ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ ଓ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁମୋଦନ ଶୁଳ୍କ ଉପରେ ଏକକାଳୀନ ରିହାତି ପ୍ରଦାନ କରାଯିବ ।

ସେହିପରି ଆପାର୍ଟମେଣ୍ଟ ମାଲିକମାନଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ ପାଇଁ ଭାରତୀୟ ଷ୍ଟାମ୍ପ ଅଧିନିୟମ-୧୮୯୯ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ନୂଆ ନିୟମ ଅନୁସାରେ ଆସୋସିଏସନ ଅଫ୍ ଆଲୋଟିଙ୍କୁ କମନ୍ ଏରିଆ ଓ ସୁବିଧା ସୁଯୋଗର ହସ୍ତାନ୍ତର ଦଲିଲ ପଞ୍ଜୀକରଣ ପାଇଁ ୫% ଷ୍ଟାମ୍ପ ଡ୍ୟୁଟି ପରିବର୍ତ୍ତ? ମାତ୍ର ୫୦,୦୦୦ ଟଙ୍କାର ନାମମାତ୍ର ଶୁଳ୍କ ଦେବାକୁ ପଡିବ। ଏହାସହିତ ଆପାର୍ଟମେଣ୍ଟର ମୋଟ୍ ମୂଲ୍ୟ ଅନୁସାରେ ପୂର୍ବରୁ ଥିବା ୩%, ୪% ଓ ୫% ର ଷ୍ଟାମ୍ପ ଡ୍ୟୁଟି ସ୍ଲାବ୍ ବଦଳରେ ଏବେ ସମସ୍ତଙ୍କ ପାଇଁ ସମାନ ୫% ଷ୍ଟାମ୍ପ ଡ୍ୟୁଟି ଧାର୍ଯ୍ୟ କରାଯାଇଛି । ଏହାଦ୍ୱାରା ପଞ୍ଜୀକରଣ ପ୍ରକ୍ରିୟା ସରଳ ହେବା ସହ ସରକାରଙ୍କ ରାଜସ୍ୱ ମଧ୍ୟ ସୁରକ୍ଷିତ ରହିବ ।ରାଜ୍ୟ କ୍ୟାବିନେଟ୍ 'ଓଡିଶା ରାଜ୍ୟ ଆଲାଇଡ୍ ଏଣ୍ଡ ହେଲଥକେୟାର କାଉନସିଲ୍ ନିୟମାବଳୀ-୨୦୨୬'କୁ ଅନୁମୋଦନ କରିଛନ୍ତି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟରତ ପାରାମେଡିକାଲ୍ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବୃତ୍ତିଧାରୀଙ୍କ ଶିକ୍ଷା ଓ କାର୍ଯ୍ୟଧାରାକୁ ମାନକୀକରଣ କରିବା ପାଇଁ ଦ'ଓଡିଶା ରାଜ୍ୟ ଆଲାଇଡ୍ ଏଣ୍ଡ ହେଲଥକେୟାର କାଉନସିଲ୍ ନିୟମାବଳୀ-୨୦୨୬' ପ୍ରଣୟନ ହୋଇଛି । ଏହାଦ୍ୱାରା ୫୬ଟି ସ୍ୱୀକୃତିପ୍ରାପ୍ତ ଆଲାଇଡ୍ ଓ ସ୍ୱାସ୍ଥ୍ୟସେବା ବୃତ୍ତିକୁ ନିୟନ୍ତ୍ରଣ କରାଯିବ, ଯାହା ପୂର୍ବରୁ ଏନଏମସି ବା ଡିସିଆଇ ଅଧୀନରେ ନଥିଲେ । ଏହି ନିୟମ ଅନୁସାରେ ପଞ୍ଜିକୃତ ବୃତ୍ତିଧାରୀଙ୍କ ପାଇଁ ଏକ ଅନଲାଇନ୍ କେନ୍ଦ୍ରୀୟ ରେଜିଷ୍ଟର ପ୍ରସ୍ତୁତ ହେବ ଓ ନାମଲେଖା ପାଇଁ ସମାନ ପ୍ରବେଶିକା ପରୀକ୍ଷା (ୟୁଜି/ପିଜି) ତଥା ଲାଇସେନ୍ସ ପାଇଁ ଏକ ସମାନ ନିର୍ଗମନ (ଏକଜିଟ୍) ପରୀକ୍ଷାର ପ୍ରଚଳନ କରାଯିବ ।ଏସବୁ ବ୍ୟତୀତ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକରେ 'ଓଡିଶା ଟ୍ରାନ୍ସପୋର୍ଟ-ଟ୍ରାଫିକ ଏଣ୍ଡ ଏନଫୋର୍ସମେଣ୍ଟ ନିୟମାବଳୀ-୨୦୨୬'କୁ ମଧ୍ୟ ମଞ୍ଜୁରୀ ମିଳିଛି । ଏହା ରାଜ୍ୟରେ ପରିବହନ ବ୍ୟବସ୍ଥା ଓ ସଡକ ସୁରକ୍ଷା ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବ ।

# ଜନଗଣନା ଅଧିକାରୀଙ୍କୁ ମାଡ଼



## ଜନଗଣନା ଅଧିକାରୀ ନାଁରେ ଲୁଟ୍

ଢେଙ୍କାନାଳ: ଦେଶରେ ଜନଗଣନା ଚାଲିଥିବାବେଳେ ଜନଗଣନା ଅଧିକାରୀ ନାମରେ ସାଧାରଣ ଜନତାଙ୍କଠାରୁ ହୋଇଛି ଲୁଟ୍ । ଜଣେ ବ୍ୟକ୍ତି ନିଜକୁ ଜନଗଣନା ଅଧିକାରୀ କହି ମହିଳାଙ୍କଠାରୁ ସଶସ୍ତ୍ର ଡକାୟତି କରିଛି । ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଅନ୍ତର୍ଗତ ଗିରିଧର ପ୍ରସାଦ ଗ୍ରାମରେ ଏଭଳି ଖବର ସାମ୍ନାକୁ ଆସିଛି । ମଙ୍ଗଳବାର ମଧ୍ୟାହ୍ନ ସମୟରେ ରାସୋଳ ଥାନା ଅନ୍ତର୍ଗତ ଗିରିଧର ପ୍ରସାଦ ଗ୍ରାମରେ ଜଣେ ବ୍ୟକ୍ତି ନିଜକୁ ଜନଗଣନା ଅଧିକାରୀ କହି ଜଣଙ୍କ ଘରକୁ ଯାଇଥିଲେ । ଏହା ପରେ ମହିଳାଙ୍କୁ ଆଧାରକାର୍ଡ ଆଣିବାକୁ କହିଥିଲେ । ମହିଳା ଜଣକ ଘର ଭିତରକୁ ଆଧାରକାର୍ଡ ଆଣିବାକୁ ଯାଇଥିଲେ । ଏପଟେ ମହିଳାଙ୍କ ଘରେ କେବଳ ଦୁଇଟି ଛୋଟ ପିଲା ଥିବା ସହିତ ଘରେ ଆଉ କେହି ନଥିବାର ବ୍ୟକ୍ତି ଜଣକ ଜାଣିପାରିଥିଲେ। ଏହାର ସୁଯୋଗ ନେଇ ମହି ଛୁଆଙ୍କ ବେକରେ ଛୁରୀ ଲଗାଇ ମହିଳାଙ୍କୁ ଠାରୁ ମଙ୍ଗଳସୂତ୍ର ଲୁଟି ନେଇଥିଲେ । ଏନେଇ ମହିଳା ଜଣଙ୍କ ରାସୋଳ ଥାନାରେ ଅଭିଯୋଗ କରିଛନ୍ତି ।

ଢେଙ୍କାନାଳ, ୨୨।୪(ମହାଭାରତ): କାର୍ଯ୍ୟରତ ଜନଗଣନା ଅଧିକାରୀଙ୍କୁ ଗୋଟିଏ ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିଛନ୍ତି । ବାପା ଓ ପୁଅ ମିଶି ୪ ଜଣ ଅଧିକାରୀଙ୍କୁ ମାଡ଼ ମାରିବା ସହିତ ଗାଡ଼ି ଭାଙ୍ଗି ଦେଇଛନ୍ତି । ଏ ନେଇ କାମାକ୍ଷାନଗର ଥାନାରେ ଅଭିଯୋଗ ହୋଇଛି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ନିକୁଞ୍ଜ ଶତପଥୀ ଏବଂ ତାଙ୍କ ପରିବାର ସଦସ୍ୟ ଜନଗଣନାରେ ସହଯୋଗ କରୁନଥିଲେ । ଏ ନେଇ ଜଣେ ମହିଳା ଅଧିକାରୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ଏହା ପରେ ଜନଗଣନା ଅଧିକାରୀ ରଘୁନାଥ ଦୀକ୍ଷିତ, ମଧୁସ୍ମିତା ବେହେରା, ସ୍ୱର୍ଣ୍ଣଲତା ସାହୁ ଓ ସତୀନ ବିରେନ ବେହେରା ନିକୁଞ୍ଜଙ୍କ ଘରକୁ ଯାଇଥିଲେ । କିନ୍ତୁ ନିକୁଞ୍ଜ ଏବଂ ତାଙ୍କର ଦୁଇ ପୁଅ ମିଶି ଅତର୍କିତ ଭାବେ କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ । ଟେକା ପଥର ଫୋପାଡ଼ିବା ସହିତ ଗାଡ଼ି ମଧ୍ୟ ଭାଙ୍ଗି ଦେଇଥିଲେ । ଏପରିକି ଅଧିକାରୀମାନଙ୍କୁ ଗୋଡେଇ ଗୋଡେଇ ମାଡ଼ ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏ ନେଇ ଜନଗଣନା ଅଧିକାରୀମାନେ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ସେମାନଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି । କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାଏକ ଏବଂ କାମାକ୍ଷାନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିଛନ୍ତି ।

## ନିଆଯିବ କାର୍ଯ୍ୟାନୁଷ୍ଠାନ : ରାଜସ୍ୱ ମନ୍ତ୍ରୀ

ଜନଗଣନା କାମରେ ବାଧା ସୃଷ୍ଟି କରୁଥିବା ଓ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରୁଥିବା ଦୋଷୀମାନଙ୍କ ପାଇଁ ଏବେ କଠୋର ସନ୍ଦେଶ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇ ସ୍ପଷ୍ଟ କରିଦେଇଛନ୍ତି ଯେ, ଅପରାଧୀଙ୍କୁ ଛଡ଼ାଯିବନାହିଁ। ପାତାଳରେ ଲୁଚିଲେ ବି ସେମାନଙ୍କୁ ଖୋଜି ବାହାର କରାଯିବ ଓ ଆଇନ ଅନୁଯାୟୀ କଠୋର କାର୍ଯ୍ୟବାହୀ ହେବ। ମନ୍ତ୍ରୀ କହିଛନ୍ତି, ଜନଗଣନା କର୍ମଚାରୀଙ୍କ ସୁରକ୍ଷା ପାଇଁ ଶୀଘ୍ର ଝଙ୍ଗ ଆଣାଯିବ। ଗୃହ ବିଭାଗ, ପୁଲିସ ପ୍ରଶାସନ ଓ ଉଚ୍ଚ ଅଧିକାରୀଙ୍କ ସହ ଏନେଇ ଆଲୋଚନା ହୋଇଛି। ଯେଉଁଠି ଆକ୍ରମଣ ଘଟିଛି ସେଠାରେ କଠୋର ପଦକ୍ଷେପ ନିଆଯିବ।

ସେପଟେ ଜନଗଣନା ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ କହିଛନ୍ତି, ରଜ୍ୟରେ ପ୍ରାୟ ୧ କୋଟି ଘରର ଜନଗଣନା ସରିସାରିଛି। କିନ୍ତୁ ତୃଣମୂଳସ୍ତରରେ କାମ କରୁଥିବା କର୍ମୀମାନେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ତେଣୁ ସେମାନଙ୍କ ସୁରକ୍ଷା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଓ ଆବଶ୍ୟକସ୍ତରରେ ପୁଲିସ ସହାୟତା ମଧ୍ୟ ନିଆଯିବ।

## ନେପାଳ ଗୃହ ମନ୍ତ୍ରୀ ପଦ ଛାଡ଼ିଲେ ସୁଦାନ ଗୁରୁଙ୍ଗ

ନୂଆଦିଲ୍ଲୀ, ୨୨।୪(ମହାଭାରତ): : ନେପାଳରେ ପୁଣି ଥରେ ବିଦ୍ରୋହ ମୁଣ୍ଡ ଟେକିଛି । ଏହାରି ମଧ୍ୟରେ ବାଲେନ ଶାହ ସରକାରଙ୍କୁ ଏକ ଝଟକା ଲାଗିଛି । ଦୁର୍ନୀତି ବିବାଦରେ ଫସିଥିବା ନେପାଳ ନୂତନ ଗୃହ ମନ୍ତ୍ରୀ ସୁଦାନ ଗୁରୁଙ୍ଗ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଦାୟିତ୍ୱ ନେବାର ମାତ୍ର ୨୬ ଦିନରେ ସୁଦାନ ଗୁରୁଙ୍ଗ ବୁଧବାର ପଦବୀରୁ ଇସ୍ତଫା ଦେବା ଖବର ସମସ୍ତଙ୍କ ଆଶ୍ଚର୍ଯ୍ୟ କରିଛି ।

ଗୁରୁଙ୍ଗ ନିଜେ ତାଙ୍କ ସୋସିଆଲ୍ ମିଡ଼ିଆ ଆକାଉଣ୍ଟରେ ଏହି ସୂଚନା ପ୍ରଦାନ କରିଛନ୍ତି । ଆର୍ଥିକ ହେରଫେର ମାମଲା ତଦନ୍ତ ଜାରି ରହିଥିବାରୁ ସେ ନିଜ ପଦବୀରୁ ଇସ୍ତଫା ଦେଇଥିବା କହିଛନ୍ତି । ସେ କହିଛନ୍ତି ଯେ ତାଙ୍କ ପଦ ଠାରୁ ନୀତି ବଡ଼ ଏବଂ ଜନତାଙ୍କ ବିଶ୍ୱାସଠାରୁ ଆଉ କୌଣସି ଶକ୍ତି ବଡ଼ ନୁହେଁ । ଦେଶରେ ଚାଲିଥିବା ଜେନ୍-ଜି ଆନ୍ଦୋଳନ, ଯାହା ସୁଶାସନ, ସ୍ୱଚ୍ଛତା ଏବଂ ଦାୟିତ୍ୱ ଦାବି କରୁଛି, ଏହା ମଧ୍ୟ ଏହି ବାର୍ତ୍ତା ଦେଇଛି - ଯେ ସାଧାରଣ ଜୀବନ ସ୍ୱଚ୍ଛ ହେବା ଉଚିତ ଏବଂ ନେତୃତ୍ୱ ଦାୟୀ ହେବା ଉଚିତ । ଯଦି କେହି ମୋର ୪୬ ଭାଇ ଏବଂ ଭଉଣୀଙ୍କ ରକ୍ତ ଏବଂ ବଳିଦାନ ଉପରେ ଗଠିତ ସରକାରଙ୍କୁ ପ୍ରଶ୍ନ କରନ୍ତି, ତେବେ ତାହାର ଉତ୍ତର ହେଉଛି ନୀତି।

# ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଦିଦିଙ୍କୁ ସୁପ୍ରିମକୋର୍ଟଙ୍କ ନିନ୍ଦା

ନୂଆଦିଲ୍ଲୀ, ୨୨।୪(ମହାଭାରତ): : ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ପାଇଁ ନିୟୋଜିତ ନ୍ୟାୟିକ ଅଧିକାରୀମାନଙ୍କୁ ଘେରାଉ ଏବଂ ବନ୍ଧକ ରଖିବା ଘଟଣାକୁ ସୁପ୍ରିମକୋର୍ଟ ମମତା ସରକାରଙ୍କୁ ଭର୍ତ୍ସନା କରିଛନ୍ତି । ସୁପ୍ରିମକୋର୍ଟ ଏକ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଚାଲିଥିବା ତଦନ୍ତ ମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କଥିତ ହସ୍ତକ୍ଷେପର କଡ଼ା ବିରୋଧ କରି କହିଛନ୍ତି ଯେ ଜଣେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଏପରି କାର୍ଯ୍ୟ ଗଣତନ୍ତ୍ରକୁ ବିପଦରେ ପକାଇଥାଏ।

ସୁପ୍ରିମକୋର୍ଟ ବିଚାରପତି ପି.କେ ମିଶ୍ର ଏବଂ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ପଶ୍ଚିମବଙ୍ଗର ଆଇ-ପ୍ୟାକ୍ ମାମଲାର ଶୁଣାଣି କରିଛନ୍ତି । ଖଣ୍ଡପୀଠ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସମେତ ପଶ୍ଚିମବଙ୍ଗ ପ୍ରଶାସନର ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କୁ କହିଥିଲେ ଯେ ସେମାନେ ଆଇନଗତ ନୀତି ଉପରେ ଯୁକ୍ତି କରିପାରନ୍ତି, କିନ୍ତୁ କୋର୍ଟ ରାଜ୍ୟ ଭିତରେ ଦେଖାଯାଉଥିବା ବାସ୍ତବତା ପ୍ରତି ଆଖି ବୁଜି ପାରିବେ ନାହିଁ। କୋର୍ଟ କହିଥିଲେ ଅନ୍ୟ ଏକ ଖଣ୍ଡପୀଠ ସମ୍ମୁଖରେ ଦେଖିବାକୁ ମିଳିଥିଲା ଯେ ଅନେକ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖାଯାଇଛି। ଚଳିତ ବର୍ଷ ଜାନୁଆରୀ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଇ-ପ୍ୟାକ୍ ଅନେକ ଠିକଣା ଉପରେ ଚଢ଼ଉ କରିଥିଲା । ସଂସ୍ଥାର ସହ ପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ଘରେ ମଧ୍ୟ ଇଡି ଛାପା ମାରିଥିଲା । ଏହି ସମୟରେ ମମତା ବାନାର୍ଜୀ ନିଜେ ପ୍ରତୀକ ଜୈନଙ୍କ ଘରେ ଧସେଇ ପଶିଥିଲେ ଏବଂ କିଛି ଦସ୍ତାବିଜ ନେଇ ପଳାଇଯାଇଥିଲେ । ଶୁଣାଣି ସମୟରେ କୋର୍ଟ ଏକ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଚାଲିଥିବା ତଦନ୍ତ ମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କଥିତ ହସ୍ତକ୍ଷେପର କଡ଼ା ବିରୋଧ କରିଛନ୍ତି । କହିଛନ୍ତି ଯେ ଜଣେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଏପରି କାର୍ଯ୍ୟ ଗଣତନ୍ତ୍ରକୁ ବିପଦରେ ପକାଇଥାଏ।

ଇଡି ଅଭିଯୋଗ ଆଣିଥିଲା ଯେ ମମତା ବାନାର୍ଜୀ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣକୁ ନଷ୍ଟ କରିଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି କୌଣସି ବି ରାଜ୍ୟର ମୁଖ୍ୟମନ୍ତ୍ରୀ କୌଣସି ତଦନ୍ତ ସମୟରେ ଏଭଳି



ହସ୍ତକ୍ଷେପ କରିପାରିବେ ନାହିଁ । ସମ୍ବିଧାନ ଏହାକୁ କେବେ ଗ୍ରହଣ କରିବ ନାହିଁ । ସମ୍ବିଧାନ ପ୍ରଣେତା ସୀରବାଇ ଏବଂ ଆମ୍ବେଦକର କେବେ ଏହା କଳ୍ପନା ମଧ୍ୟ କରିନଥିବେ । କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ତଦନ୍ତ ମଧ୍ୟରେ ଏପରି ଭାବରେ ଏକ କାର୍ଯ୍ୟାଳୟରେ ପଶି ଗଣତନ୍ତ୍ରକୁ ବିପଦରେ ପକାଇପାରିବେ ନାହିଁ ଏବଂ ତା'ପରେ କହି କରିପାରିବେ ନାହିଁ ଯେ ଏହି ମାମଲାକୁ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ବିବାଦ ଭାବରେ ଚିତ୍ରଣ କରାଯିବା ଉଚିତ୍ ନୁହେଁ । ଏହା ନିଜେ ଜଣେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଏକ କାର୍ଯ୍ୟ ଯାହା ଗଣତନ୍ତ୍ରର ଗଠନ ପ୍ରତି ବିପଦ ସୃଷ୍ଟି କରେ। ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାକାଲି ପାଇଁ ସୁପ୍ରିମକୋର୍ଟ ସ୍ଥିର କରିଛନ୍ତି ।

## ବ୍ରେଡ୍ ଦହି ବରା

**ଆବଶ୍ୟକ ସାମଗ୍ରୀ:** ୪ ପିସ୍ ବ୍ରେଡ୍, ୩/୪ କପ୍ ଦହି, ଆବଶ୍ୟକ ଅନୁସାରେ ଧନିଆ ଚଟଣୀ, ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଆବଶ୍ୟକ ଅନୁସାରେ ତେନ୍ତୁଳି ଚଟଣୀ, ୧ ଛୋଟ ଚାମଚ ଚିନି, ୧ଛୋଟ ଚାମଚ ଆମଚୁର ପାଉଡର, ୧ ବଡ ଚାମଚ ଧନିଆ ପତ୍ର, ୨ଟି ସିଝା ଆଳୁ, ଆବଶ୍ୟକ ଅନୁସାରେ ଲୁଣ ଏବଂ ଆବଶ୍ୟକ ଅନୁସାରେ କଳା ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ଏକ ବଡ ପାତ୍ରରେ ସିଝା ଆଳୁକୁ ଦଳି ଦିଅନ୍ତୁ। ଏଥିରେ କଞ୍ଚା ଲଙ୍କା, ଆମଚୁର ପାଉଡର, କିଶମିସ, ଜିରା ଏବଂ ଲୁଣ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଅ ।ଉ ଏକ ପାତ୍ରରେ ଦହିରେ ଚିନି ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସିଝା ଆଳୁର ମିଶ୍ରଣକୁ ଗୋଲ ଗୋଲ ଆକର ଦେଇ ବ୍ରେଡ୍ ପିସରେ କଭର କରିଦିଅନ୍ତୁ। ଏହାପରେ ଏକ ଫ୍ରାଇଂ ପ୍ୟାନରେ ଅଳ୍ପ ଘିଅ ପକାଇ ଏହି ବ୍ରେଡ୍ ବରାଗୁଡିକୁ ଭାଜନ୍ତୁ। ଭାଜି ହୋଇସାରିବା ପରେ ପ୍ଲେଟକୁ ବାହାର କରି ସେଥିରେ ମିଠା ଦହି, ତେନ୍ତୁଳି ଚଟଣୀ, ଧନିଆ ଏବଂ ଜିରା ପାଉଡର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ପରେ ତା'ଉପରେ ଧନିଆ ପତ୍ର ଏବଂ କଳା ଲୁଣ ପକାଇ ପରଷନ୍ତୁ।



### ଖବର

## ପ୍ରିୟ ସୁଟିଂ ସ୍ଥାନ ଥିବା ପହଲାଗାମ ଏବେ ଶ୍ମଶାନ



ପହଲଗାମ ଗଣହତ୍ୟାକୁ ପୁରିଲା ବର୍ଷେ । ସମସ୍ତ ନାଗରିକଙ୍କ ପାଇଁ ଏହା ଏକ ବ୍ଲାକ୍ ଡେ ଥିଲା, ଯାହା ସମଗ୍ର ଦେଶକୁ ଥରାଇ ଦେଇଥିଲା । କିନ୍ତୁ ଏହି ଆକ୍ରମଣ କେବଳ ସୁରକ୍ଷା ଏବଂ ରାଜନୀତିକୁ ପ୍ରଭାବିତ କରିନଥିଲା ବରଂ କାଶ୍ମୀରର ସୁନ୍ଦରତାକୁ ମଧ୍ୟ ପ୍ରଭାବିତ କରିଥିଲା । ଅନେକ ବଲିଉଡ ନିର୍ଦ୍ଦେଶକଙ୍କ ପ୍ରିୟ ସ୍ଥାନ ଥିଲା ପହଲାଗାମ । କିନ୍ତୁ

ପୁଲୱାମା ଆକ୍ରମଣ ପରେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ମଧ୍ୟ ଏକ ବଡ଼ ଝଟକା ଲାଗିଥିଲା ।ତେବେ ଆସନ୍ତୁ ଜାଣିବା, ଆକ୍ରମଣ ପରେ ପହଲାଗାମରେ କେତେଥର ଫିଲ୍ମ ସୁଟିଂ ହୋଇଛି ଏବଂ କେଉଁ ପ୍ରୋଜେକ୍ଟ ସେଠାରୁ ମୁହଁ ଫେରାଇ ନେଇଥିଲା । ଗୋଟିଏ ସମୟ ଥିଲା ଯେତେବେଳେ ପହଲଗାମର ଉପତ୍ୟକା ବଲିଉଡ ପାଇଁ ଏକ ରୋମାନ୍ସର ସ୍ଥାନ ଥିଲା କିନ୍ତୁ ଗତ ଗୋଟିଏ ବର୍ଷ ମଧ୍ୟରେ ସେଠାକାର ପରିବେଶ ସହିତ ସେହି ସ୍ଥାନ ପ୍ରତି ଫିଲ୍ମ ନିର୍ମାତାଙ୍କ ଆଗ୍ରହ ମଧ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଛି ।'ବେତାବ' ହେଉ କି 'ବଜରଙ୍ଗୀ ଭାଇଜାନ' ଭଳି ଅନେକ ଫିଲ୍ମ ପହଲଗାମର ସୌନ୍ଦର୍ଯ୍ୟକୁ ଦର୍ଶକଙ୍କୁ ଦେଖାଇଛି । କିନ୍ତୁ ଗତ ବର୍ଷ ଯେତେବେଳେ ଆତଙ୍କବାଦୀମାନେ ଏହି ଅଞ୍ଚଳ ଉପରେ ଆକ୍ରମଣ କଲେ, ସେଠାକାର ଦୃଶ୍ୟ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ ହୋଇଗଲା । ଏହି ଆକ୍ରମଣର ଭୟଙ୍କର ପ୍ରଭାବ ଫିଲ୍ମ ଇଣ୍ଡଷ୍ଟ୍ରି ଉପରେ ପଡ଼ିଥିଲା ।ଧୀରେ ଧୀରେ ଫିଲ୍ମ ସୁଟିଂର କେନ୍ଦ୍ର ପାଲଟିଥିବା କାଶ୍ମୀର ହଠା୍ 'ପ୍ୟାକ୍-ଅପ୍' ପରିସ୍ଥିତିର ସମ୍ମୁଖୀନ ହେଲା । ଏଥିସହ, ସୁରକ୍ଷା ଦୃଷ୍ଟିରୁ ୪୦ ରୁ ଅଧିକ ପର୍ଯ୍ୟଟନ ସ୍ଥଳକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ପଡିଲା । ତେବେ ଆମେ ଆପଣଙ୍କୁ ଏସବୁ କହିବା ପଛର କାରଣ ହେଉଛି ଏହି ଆକ୍ରମଣ ପାଇଁ ଅନେକ ଫିଲ୍ମ ସୁଟିଂ ବାତିଲ ମଧ୍ୟ ହୋଇଯାଇଥିଲା ।ତେବେ ବର୍ତ୍ତମାନ ଜାଣିବା ପହଲଗାମ ଆକ୍ରମଣ ପରେ କାଶ୍ମୀରରେ କେଉଁ ଫିଲ୍ମର ସୁଟିଂ ହୋଇଥିଲା ଏବଂ କେଉଁଗୁଡ଼ିକୁ ବାତିଲ କରାଯାଇଥିଲା ?

## ଶାନ୍ତି ପାଇଁ ବାସ୍ତୁ ଉପାୟ



- ଘରର ମୁଖ୍ୟ ଦ୍ୱାର ଭିତରକୁ ଖୋଲିବା ଉଚିତ୍ । ବାହାରକୁ ଖୋଲିଲେ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ ।
- ରୋଷେଇ ଘରର ମୁହଁ ପୂର୍ବ ଆଡ଼କୁ ରହିବା ଉଚିତ୍ ।
- ରୋଷେଇ ଘରେ ଅନ୍ଧାରରେ ଚୁଲି ଜଳାଇବା ଅଶୁଭ ।
- ଘରେ ସୁଖ-ଶାନ୍ତି ବଜାୟ ରଖିବା ଲାଗି ରୋଷେଇ ଘରେ ଗୁଡ଼ ରଖିବା ଆବଶ୍ୟକ ।
- ଦ୍ୱାରରେ ଲାଗିଥିବା କବ୍‌ଜା କବାଟ ଖୋଲିବା ସମୟରେ ଧ୍ୱନି କରୁଥିଲେ, ତାହା ବାସ୍ତୁ ଅନୁଯାୟୀ ଅଶୁଭ ହୋଇଥାଏ ।
- ପ୍ରବେଶ ଦ୍ୱାର ସର୍ବଦା ସଫାସୁତୁରା ରଖିଲେ ମାନ-ସମ୍ମାନ ବୃଦ୍ଧି ହୋଇଥାଏ ।
- ଘରେ ରହିଥିବା ଧର୍ମ ପୁସ୍ତକ, ପିଲାମାନଙ୍କ ବହି ପତ୍ର ଏବଂ ବ୍ୟବସାୟରେ ଉପଯୋଗ ହେଉଥିବା ରେଜିଷ୍ଟରରେ ଶୁଭ ଚିହ୍ନ ଲଗାଇବା ଉଚିତ୍ ।
- ଘରର ମୁଖ୍ୟ ଦ୍ୱାର ଏବଂ ରୋଷେଇ ଘର ସାମ୍ନାସାମ୍ନି ହେବା ଅନୁଚିତ୍ । ଏହାଦ୍ୱାରା ହଜମ ସମ୍ବନ୍ଧୀୟ ରୋଗ ହୋଇଥାଏ ।

## ଚଣା ଡାଲି ବାଦାମଠାରୁ ଅଧିକ ଲାଭଦାୟକ

ପ୍ରତିଦିନ ସକାଳେ ଭିଜା ବାଦାମ ଖାଇବା ବେଶ୍ ଲାଭଦାୟକ । ମାତ୍ର ଭିଜା ବାଦାମଠାରୁ ଚଣା ଡାଲି ଅଧିକ ଲାଭଦାୟକ । ଶସ୍ତାରେ ମିଳୁଥିବା ଚଣା ଡାଲିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫ୍ୟାଟ୍, ଫାଇବର, କ୍ୟାଲସିୟମ୍, ଆଇରନ୍ ଏବଂ ଭିଟାମିନ୍ସ ଭରପୁର ମାତ୍ରାରେ ରହିଛି । ଗଜା ଚଣାରେ କ୍ଲୋରୋଫିଲ, ଭିଟାମିନ୍ ଏ, ବି, ସି, ଡି ଏବଂ କେ, ଫସଫରସ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ମିନେରାଲସ ରହିଛି । ରାତିସାରା ଭିଜାଇ ସକାଳେ ଚଣା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ ।



ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ- ଚଣାରେ ଭିଟାମିନ୍, ମିନେରାଲ୍ସ, କ୍ଲୋରୋଫିଲ୍ ଏବଂ ଫସଫରସ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଯାହା ଫଳରେ ପ୍ରତିଦିନ ଭିଜା ଚଣା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

ଡାଏବେଟିସ୍ ପାଇଁ ଲାଭଦାୟକ- ଡାଏବେଟିସ୍ ରୋଗୀ ପ୍ରତିଦିନ ସକାଳେ ୨୫ ଗ୍ରାମ୍ ଭିଜା ଚଣା ଖାଇବା ଲାଭଦାୟକ ହୋଇଥାଏ । ଖାଲି ପେଟରେ ଖାଇଲେ ଡାଏବେଟିସ୍‌ରୁ ଆରାମ ମିଳିଥାଏ ।

କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି- ଚଣା ଡାଲିରେ ଥିବା ଫାଇବର ପାଚନ ପାଇଁ ଲାଭଦାୟକ ହୋଇଥାଏ । ପେଟ ଦରଜ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଚଣାରେ ଅଦା, ଜିରା ଏବଂ ଲୁଣ ମିଶାଇ ଖାଆନ୍ତୁ । ଏହାଦ୍ୱାରା ପେଟ ଦରଜ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଶକ୍ତି ମିଳିଥାଏ- ପ୍ରତିଦିନ ସକାଳେ ଚଣାରେ ଲେମ୍ବୁ, ଅଦା, ଲୁଣ, ଗୋଲମରିଚ ମିଶାଇ ଖାଇଲେ ଶରୀର ସୁସ୍ଥ ରହିଥାଏ । ଏହାସହ ଦିନରେ କାମ କରିବା ପାଇଁ ଶକ୍ତି ମିଳିଥାଏ ।

ସୁସ୍ଥ ରହିବ ଶରୀର- ପୁରୁଷଙ୍କଠାରେ ଥିବା କୌଣସି ଦୁର୍ବଳତା ପାଇଁ ଚଣା ବେଶ୍ ଲାଭଦାୟକ । ପ୍ରତିଦିନ ସକାଳେ ଭିଜା ଚଣା ଖାଇଲେ ଏହା ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ପ୍ରଦାନ କରିଥାଏ ।

ଆଇରନ୍ ସମସ୍ୟା ଦୂର ହେବ- ଶରୀରରେ ଆଇରନ୍ କମ୍ ଥିଲେ ଚଣା ଖାଇବା ଦ୍ୱାରା ତାହା ଦୂର ହୋଇଥାଏ । ଚଣା ଖାଇବା ଦ୍ୱାରା ଏନିମିଆ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

## କର୍ମଫଳ ଭୋଗିଲେ ମହାମୁନିଶ ମାଣ୍ଡବ୍ୟ

ଏଇ ଭାରତ ଖଣ୍ଡରେ କୁଶାମ୍ବି ନାମକ ଏକ ଦେଶ ଥିଲା। ସେହି ଦେଶର ରାଜାଙ୍କ ନାମ ତବଲା ରୁଦ୍ରଦେବ। ସେହି ରାଜା ନ୍ୟାୟବାନ, ଧର୍ମଶୀଳ ଓ ପ୍ରଜାପାଳକ ଥିଲେ। ଥରେ ରାଜନଗର ମଧ୍ୟରେ ଦଶଜଣ ଚୋର ପଶି ବହୁ ମୂଲ୍ୟବାନ ଧନ ରତ୍ନ ଚୋରି କରି ନେଇଗଲେ। ରାଜାଙ୍କ ନଗର ରକ୍ଷକ ସିପାହୀମାନେ ଜାଣିପାରି ସେହି ଚୋରମାନଙ୍କ ପିଛା କଲେ। ସେହି ସିପାହୀମାନେ ଗୋଡ଼ାଉଛନ୍ତି ଜାଣିପାରି ଚୋରମାନେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ। ସେହି କୁଶାମ୍ବି ନଗରୀର ଅନତି ଦୂରରେ ମାଣ୍ଡବ୍ୟ ନାମକ ଜଣେ ମହାମୁନି ଆଶ୍ରୟ କରି ରହିଥିଲେ। ଋଷି ମାଣ୍ଡବ୍ୟ ଅତି ତେଜସ୍ୱୀ, ଜିତେନ୍ଦ୍ରୀୟ ଓ ଧର୍ମ ପରାୟଣ ଅଟନ୍ତି। ସେ ସର୍ବଦା ଧର୍ମ କାର୍ଯ୍ୟରେ ମନୋନିବେଶ କରି ରହୁଥିଲେ। ତାଙ୍କ ଆଶ୍ରମ ମଧ୍ୟରେ ନନ୍ଦନକାନନ ଶ୍ୟାମସୁନ୍ଦରଙ୍କର ମୂର୍ତ୍ତି ଅତି ଯତ୍ନର ସହିତ ପୂଜିତ



ହେଉଥିଲେ। ଆଶ୍ରମ ସମ୍ମୁଖ ଭାଗରେ ଏକ ବିରାଟ ବୃକ୍ଷ ଥିଲା। ତାର ଛାୟା ଅତି ସୁଶୀତଳ ଥିବା ଓ ନିକାଞ୍ଚନ ହୋଇଥିବା ଯୋଗୁଁ ଋଷି ମାଣ୍ଡବ୍ୟ ସେହି ସ୍ଥାନକୁ ନିଜର ତପସାଧନାର ସ୍ଥଳୀ ରୂପେ ବାଛି ନେଇଥିଲେ। ସେ ମହାମୁନି ଅଧିକାଂଶ ସମୟ ମୌନବ୍ରତ ଅବଲମ୍ବନ କରି ଉର୍ଦ୍ଧ୍ୱକୁ ବାହୁ ରଖି ସମାଧିସ୍ଥ ହେଉଥିଲେ। ସେ ସମାଧିସ୍ଥ ହେବା ସମୟରେ ବାହ୍ୟ ଜଗତ ସମ୍ବନ୍ଧରେ କିଛି ଜାଣି ପାରୁ ନଥିଲେ। ତାଙ୍କର ପାର୍ଥିବ ଶରୀର ବାହ୍ୟ ଜଗତରେ ଥିଲେ ମଧ୍ୟ ମନ ଓ ହୃଦୟ ବ୍ରହ୍ମରେ ରହୁଥିଲା। ସେହି ମାଣ୍ଡବ୍ୟ ମହାମୁନି ଏହିପରି ସମାଧିସ୍ଥ ଥିବା ସମୟରେ ସେହି ଚୋରମାନେ ପ୍ରାଣ ବିକଳରେ ଆସି ଆଶ୍ରମ ପାଖରେ ଉପସ୍ଥିତ ହେଲେ। ସିପାହୀମାନେ ନିକଟସ୍ଥ ଜାଣିପାରି ଆଶ୍ରମ ମଧ୍ୟରେ ଧନ-ରତ୍ନ ରଖି ଆଶ୍ରମ ଚଉପାଶରେ ଋଷି ମାଣ୍ଡବ୍ୟଙ୍କ ପରି ଚକ୍ଷୁ ବନ୍ଦ କରି ଉର୍ଦ୍ଧ୍ୱ ବାହୁ ହୋଇ ବସି ରହିଲେ। ରାଜାଙ୍କ ସିପାହୀମାନେ ଆସି ଋଷି ମାଣ୍ଡବ୍ୟଙ୍କ ତପସ୍ୟା ସ୍ଥାନରେ ଉପସ୍ଥିତ ହେଲେ। ସିପାହୀମାନେ ସହଜରେ ମହାମୂର୍ଖ। କେବଳ ସେମାନେ ନଗର ଜଗିବା କାମରେ ଅଭ୍ୟସ୍ତ। ବିଦ୍ୟାବୁଦ୍ଧିରେ ସେମାନଙ୍କର କିଛି ନଥାଏ ।ଋଷିଙ୍କୁ ସେମାନେ ସମାଧିସ୍ଥ ବୋଲି ଜାଣିପାରିଲେ ନାହିଁ। ମନ ମଧ୍ୟରେ ଚିନ୍ତାକଲେ, ଏହି ଯେଉଁ ବୃଦ୍ଧ ଏଠାରେ ଉପରକୁ ବାହୁ ଟେକି ବସିଛନ୍ତି, ସେ ନିଶ୍ଚୟ ଚୋରମାନଙ୍କୁ ଦେଖିଥିବେ। ଏହିପରି ବିଚାର କରି ସେମାନେ ଋଷିଙ୍କୁ କହିଲେ ହେ ବୁଢ଼ା ବାବା, ଉଠ ଏହି ବାଟେ କେତେ ଜଣ ଲୋକ ଯିବା ଦେଖିଛ କି ?ସେମାନେ ଚୋର ଆମ୍ଭେ ତାଙ୍କୁ ଧରିନେବୁ। ତୁମ୍ଭେ କହି ଦେଲେ ରାଜାଙ୍କୁ କହି ତୁମ୍ଭଙ୍କୁ ପୁରସ୍କାର ଦିଆଇବୁ। ଉଠି କୁହା।' ଋଷି ତ ଧ୍ୟାନସ୍ଥ ଥିଲେ, କିଛି ଜାଣିପାରିଲେ ନାହିଁ। ତେଣୁ ସିପାହୀମାନେ ନିଜ ନିଜ ମଧ୍ୟରେ ବିଚାର କରି ଋଷିଙ୍କୁ ଟଣାଓଟରା କଲେ। ସେଥିରେ ଋଷିଙ୍କର ଧ୍ୟାନ ଭଗ୍ନ ନ ହେବାରୁ କହିଲେ, ' ଏ ମୌନୀ ବାବାର ଘରକୁ ତଲାସ କରି ଦେଖ। ଏଠାରେ ଧନରତ୍ନ ମିଳି ଯାଇପାରେ । ତଲାସିରେ ସମସ୍ତ ଧନରତ୍ନ ଦେଖି ଋଷିଙ୍କ ପାଖରେ ସେହି ଚୋରଙ୍କ ସହ ଋଷିଙ୍କୁ ରାଜାଙ୍କ ନିକଟକୁ ନେଲେ ।ରାଜା ବିଚାର କରି ତାଙ୍କୁ ଶୂଳି ଦଣ୍ଡର ଆଦେଶ ଦେଲେ। ଶୂଳିର ତୀକ୍ଷ୍ଣ ଧାର ଉପରେ ବସି ମଧ୍ୟ ମୁନିଙ୍କର ଧ୍ୟାନ ଭଗ୍ନ ହେଲା ନାହିଁ। ସେହିପରି ସ୍ଥିତ ମୌନ ହୋଇ ଦୁଇ ବାହୁ ଉର୍ଦ୍ଧ୍ୱକୁ ଟେକି ଶୂଳି ଉପରେ ରହି ବସିଥାନ୍ତି। ଅନ୍ୟ ଚୋରମାନେ ସଂଗେ ସଂଗେ ଶୂଳି ଖମ୍ବରେ ବସି ପ୍ରାଣ ତ୍ୟାଗକଲେ। ଶୂଳି ଖମ୍ବ ତାଙ୍କର ଏପଟ କିମ୍ବା ସେପଟ ଯାଉନାହିଁ। ସେହିପରି ସ୍ଥିର ଅଛନ୍ତି। ସେ ବ୍ୟକ୍ତିକୁ କିଛି କଷ୍ଟ ହେଲା ପରି ମନେ ହେଉନାହିଁ। ଏହାଶୁଣି ରାଜା, ମନ୍ତ୍ରୀ ଓ ପୁରୋହିତ ଏକ ସାଙ୍ଗରେ ଶୂଳି ଦେଇଥିବା ସ୍ଥାନକୁ ଗମନ କଲେ। ପୁରୋହିତ ଶୂଳି ଖମ୍ବକୁ ଚାହିଁ ବିସ୍ମୟ ହୋଇ କହିଲେ ମହାରାଜ ଋଷ

## ଚଣ୍ଡୀମାତାଙ୍କୁ ପୂଜା

ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କ କ୍ରୋଧମୟ ସ୍ୱରୂପ ହେଉଛନ୍ତି ମହାଶକ୍ତି ଚଣ୍ଡୀ । 'ଚଣ୍ଡ' ବା 'ଚଡି' ଧାତୁ ସହିତ 'ଇପ୍' ବା 'ଡୀଷି' ପ୍ରତ୍ୟୟ ଯୋଗ ହୋଇ 'ଚଣ୍ଡୀ' ଶବ୍ଦର ସୃଷ୍ଟି ହୋଇଛି



। ସାଧାରଣରେ ଏହି ଶବ୍ଦର ଅର୍ଥ ହେଉଛି କୋପମୟୀ, କ୍ରୁଦ୍ଧା । ବ୍ରହ୍ମସ୍ୱରୂପିଣୀ ମାତା ଦୁର୍ଗା ଶୁମ୍ଭ ଅସୁର ଏବଂ ଚଣ୍ଡ ଓ ମୁଣ୍ଡକୁ ବଧ କରିବା ଲାଗି କୋପମୟୀ ସ୍ୱରୂପ ଧାରଣ କରିଥିଲେ । ସେଥିପାଇଁ ସେ ଚଣ୍ଡୀ ନାମରେ ପରିଚିତ ହେଲେ । ଚଣ୍ଡିକା ମାତାଙ୍କ ପୂଜା କରିବା ଦ୍ୱାରା ଭକ୍ତ ସ୍ୱର୍ଗ ସୁଖ ଭୋଗ କରିଥାଏ ଏବଂ ମୋକ୍ଷ ଲାଭ କରିଥାଏ । ପ୍ରତିଦିନ ଚଣ୍ଡିକା ପୂଜା କରିବାର ପୂଣ୍ୟ ଫଳକୁ ସ୍ୱୟଂ ବ୍ରହ୍ମା ସୁଦ୍ଧା ନିର୍ଣ୍ଣୟ କରିପାରିବେ ନାହିଁ । ଚଣ୍ଡି ପୂଜା ମନୁଷ୍ୟକୁ ଲକ୍ଷ୍ମୀବନ୍ତ କରିଥାଏ । ଚଣ୍ଡୀଙ୍କୁ ପୂଜା କରି ମନୁଷ୍ୟ ମୁକ୍ତି ଲାଭ କରିଥାଏ । ନୀଳକମଳ ପୁଷ୍ପ ଅର୍ପଣ କରି ଚଣ୍ଡୀ ମାତାଙ୍କୁ ପୂଜା କରିବା ଦ୍ୱାରା ମନୁଷ୍ୟ ନାନାଲୋକ ପ୍ରାପ୍ତ କରିଥାଏ । ପଞ୍ଚଗବ୍ୟ ଦ୍ୱାରା ଚଣ୍ଡୀମାତାଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରାଇ ପୂଜା କଲେ ମନୁଷ୍ୟ ସୁରଭି ଲୋକ ପ୍ରାପ୍ତ କରିଥାଏ । ଉତ୍ତରାୟଣରେ ଚଣ୍ଡୀ ପୂଜା କଲେ ବହୁପୁତ୍ର, ପୁତ୍ରବଧୂ ଓ ଧନପ୍ରାପ୍ତ ହୋଇଥାଏ । ଚଣ୍ଡୀ ଦର୍ଶନ ଅତ୍ୟନ୍ତ ପବିତ୍ର ଅଟେ । ଅହିଂସା ଭାବ ନେଇ ଦେବୀ ପୂଜା କଲେ ଶ୍ରେଷ୍ଠ ଫଳ ମିଳିଥାଏ । ଶାରଦୀୟ ପୂଜା ଅବସରରେ ଚଣ୍ଡୀମାତାଙ୍କୁ ପୂଜା କରୁଥିବା ମନୁଷ୍ୟର ମୁକ୍ତି ସୁନିଶ୍ଚିତ । ଏପରି ମନୁଷ୍ୟ ମୃତ୍ୟୁ ପରେ ଚଣ୍ଡୀଲୋକରେ ସ୍ଥାନ ପାଏ ତଥା ଚିରକାଳ ପର୍ଯ୍ୟନ୍ତ ସୁଖ ଭୋଗ କରିଥାଏ । ଚଣ୍ଡୀମାତାଙ୍କ ମଣିମୟୀ ମୂର୍ତ୍ତି ପୂଜା କଲେ ଭକ୍ତ ପରମଗତି ଲାଭ କରିଥାଏ । ଶାସ୍ତ୍ରରେ କୁହାଯାଇଛି, ଶମ୍ଭୁ, ବିଷ୍ଣୁ, କୁବେର, ବାୟୁ, ଅଗ୍ନି, ବସୁ, ଅଶ୍ୱିନୀ କୁମାର, ବିଶ୍ୱଦେବ, ବରୁଣ, ସୂର୍ଯ୍ୟ, ଗ୍ରହ, ପିତର, ପିଶାଚ ଆଦି ମଧ୍ୟ ଚଣ୍ଡୀଙ୍କ ବିଭିନ୍ନ ସ୍ୱରୂପକୁ ପୂଜା କରିଥାନ୍ତି ।

# ମହିଳା ସଂରକ୍ଷଣକୁ ବିରୋଧ

ଲୋକସଭାରେ ମହିଳା ସଂରକ୍ଷଣ ସଂଶୋଧନ ବିଲ ବା ସମ୍ବିଧାନର ୧୩୧ତମ ସଂଶୋଧନ ବିଲ ସପକ୍ଷରେ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନ ରହିଥିଲେ ମଧ୍ୟ ଆବଶ୍ୟକୀୟ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ମିଳିବାରୁ ଏହି ବିଲ କାଟ ଖାଇଯାଇଛି। ବିଲ ସପକ୍ଷରେ ୨୯୮ ଏବଂ ବିପକ୍ଷରେ ୨୩୦ ସଦସ୍ୟଙ୍କ ଭୋଟ ପଡ଼ିଥିଲା। ଏହା ସତ୍ତ୍ୱେ ବିଲଟି ସଂସଦରେ ଗୃହୀତ ହୋଇପାରିନଥିଲା। ଏହି ବିଲ ସଂସଦରେ କାଟ ଖାଇବା ପରେ ସରକାର ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବିଲକୁ ମଧ୍ୟ ପ୍ରତ୍ୟାହାର କରି ନେଇଛନ୍ତି। ବିରୋଧୀ ଏହାକୁ ଗଣତନ୍ତ୍ରର ବିଜୟ, ସମ୍ବିଧାନ ରକ୍ଷା ପାଇଗଲା ଏବଂ ମୋଦିଙ୍କ ପରାଜୟ ବୋଲି କହୁଥିବା ବେଳେ ଶାସକ ଦଳର ସଭ୍ୟମାନେ ଏହା ମହିଳାଙ୍କ ପ୍ରତି ବିରୋଧୀ ସଦସ୍ୟଙ୍କ ପ୍ରତାରଣା ବୋଲି କହିଛନ୍ତି। ବିଲ ଉପରେ ଆଲୋଚନା ବେଳେ ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ଏହି ବିଲକୁ ବିରୋଧ ପଛରେ କେବଳ ମହିଳା ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧର ଉଦ୍ଦେଶ୍ୟ ରହିଛି। ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧର କିଛି ଅର୍ଥ ନାହିଁ। ଗୃହମନ୍ତ୍ରୀ କହିଥିଲେ ଯେ, ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା କୌଣସି ରାଜ୍ୟ କ୍ଷତିଗ୍ରସ୍ତ ହେବେ ନାହିଁ କିମ୍ବା ଲୋକସଭାରେ କାହାର ଆସନ ସଂଖ୍ୟା କମିବ ନାହିଁ। ସବୁ ରାଜ୍ୟର ଲୋକସଭା ଆସନ ସଂଖ୍ୟା ହାରାହାରି ୫୦% ବଢ଼ିବ। ଦକ୍ଷିଣ ଭାରତର ୫ ରାଜ୍ୟର ଆସନ ସଂଖ୍ୟା ଏବେ ୧୨୯ ଥିବା ବେଳେ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଏହି ସଂଖ୍ୟା ୧୯୬କୁ ବୃଦ୍ଧି ପାଇବ। ତେଣୁ ଦକ୍ଷିଣ ଭାରତୀୟ ରାଜ୍ୟମାନେ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇବ ବୋଲି ଯେଉଁ ଆଶଙ୍କା କରୁଛନ୍ତି ତାହା ଅମୂଳକ ବୋଲି ସରକାର କହିଥିଲେ ମଧ୍ୟ ବିରୋଧୀ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଶେଷରେ ସରକାରଙ୍କ ଦ୍ୱାରା ଆଗତ ବିଧେୟକ ଅଗ୍ରାହ୍ୟ ହେଲା। ଅମିତ ଶାହଙ୍କ ଭାଷାରେ କେବଳ ମୋଦିଙ୍କୁ ଅପଦସ୍ତ ଏବଂ ନିଚା ଦେଖାଇବା ନିମନ୍ତେ ବିରୋଧୀ ଦଳମାନେ ଏହି ବିଲକୁ ଅଟକାଇଲେ। ମୋଦିଙ୍କ ନେତୃତ୍ୱ ଏବଂ ସଫଳତାରେ ସେମାନେ ଏତେ ଅସହିଷ୍ଣୁ ଯେ, ମୋଦିଙ୍କୁ ବିରୋଧ ଏବଂ ପରାଜିତ କରିବା ନିମନ୍ତେ ସେମାନେ ଯେ କୌଣସି ସ୍ତରକୁ ଯାଇପାରନ୍ତି। ଏପରିକି ଦେଶ ବିରୋଧରେ ମଧ୍ୟ ଯାଇପାରନ୍ତି। ଏହା ଅନେକାଂଶରେ ସତ୍ୟ। ତେବେ ଏଥିପାଇଁ ବିରୋଧୀଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ସେମାନେ ନିଜ ଇଚ୍ଛାରେ ନିଷ୍ପତ୍ତି ନେଇପାରିବେ। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ମହିଳାଙ୍କ ପାଇଁ ୩୩% ସଂରକ୍ଷଣର ଆବଶ୍ୟକତା ରହିଛି କି? ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣର ଯଥାର୍ଥତା ରହିଛି କି? ଉତ୍ତର ହେଉଛି ହିଁ। ମହିଳାଙ୍କୁ ଆଇନ ପ୍ରଣୟନର ଅଧିକାର ଦେବା ଏବଂ ଶାସନ କ୍ଷମତାର ଅଂଶୀଦାର ହେବାକୁ ସଂରକ୍ଷଣ ଜରୁରୀ। ଦ୍ୱିତୀୟରେ ଏବେ ଦେଶର ଜନସଂଖ୍ୟା ଏତେ ବଢ଼ିଯାଇଛି ଯେ, ଦେଶର ୧୨୭ ଲୋକସଭା ଆସନରେ ମତଦାତାଙ୍କ ୨୦ ଲକ୍ଷ ବା ତାହାଠାରୁ ଅଧିକ ହୋଇଯାଇଛି। ତେଣୁ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଜରୁରୀ। ଏହା ଫଳରେ ଜନପ୍ରତିନିଧିତ୍ୱ ବିସ୍ତାରିତ ହୋଇପାରିବ। ପ୍ରତି ୧୦ ଲକ୍ଷ ମତଦାତାଙ୍କ ପାଇଁ ଜଣେ ସଂସଦ ସଦସ୍ୟ ରହିବା ଉଚିତ। ଏ କ୍ଷେତ୍ରରେ ସନ୍ତୁଳନ ରକ୍ଷା ଜରୁରୀ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ଯେଉଁ ଅଭିଯୋଗ ଏବଂ ସନ୍ଦେହ ବ୍ୟକ୍ତ କରିଛନ୍ତି ତାହାର ଯଥାର୍ଥତା ନାହିଁ। ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କଂଗ୍ରେସ ଓ ଏହାର ସମର୍ଥକମାନେ ଆଜି ଯାହା କଲେ ତାହା ଭାରତ ଇତିହାସରେ ଚିରଦିନ ଲାଗି ଏକ କଳାଦାଗ ହୋଇ ରହିଯିବ। ଆଗାମୀ ନିର୍ବାଚନରେ ଏହା ସେମାନଙ୍କ ପାଇଁ ମହଙ୍ଗା ପଡ଼ିପାରେ।

# ‘କୋଟା’ର କଣ୍ଟା ଓ ସ୍ୱପ୍ନର ସମାଧି

॥ ଡାକ୍ତର ସମ୍ରାଟ କର ॥

> “ ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ।

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।’ - ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ୍ୟ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୂରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ୍ୟ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କାରଣ ଅତ୍ୟଧିକ ଚାପ ଜଣକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ ଏବଂ ଏହା ମାନସିକ ଏକାଗ୍ରତା ପାଇଁ ମଧ୍ୟ ବାଧକ ଆଉ ଏହି ଚାପ ଜନିତ କାରଣ ପାଇଁ ଜଣେ ନାଁ ଠିକ ଭାବେ ଖାଇପାରେ ନାଁ ଠିକ ଭାବେ ବିଶ୍ରାମ ନେଇପାରେ। ସେମାନେ ଏକ ପ୍ରକାର ବିଚିତ୍ର ତ୍ରିଶଙ୍କୁ ଭିତରେ ଝୁଲିଲା ପରି ମାନସିକ ଅବସାଦ ଭିତରକୁ ଠେଲି ହୋଇଯାଆନ୍ତି ଏବଂ ଅନେକ କ୍ଷେତ୍ରରେ ଦୁର୍ଭାଗ୍ୟକୁ ସେମାନଙ୍କର ମାନସିକ କ୍ଷେତ୍ରକୁ ଆଶ୍ୱାସନା, ପ୍ରବୋଧନା ଦେବା ପାଇଁ ପାଖ ଲୋକ ଜଣେ କେହି ନଥାଏ। ତେଣୁ ଏପରି ସମୟରେ କେବଳ ମନସ୍ତତ୍ତ୍ୱବିତଙ୍କ ପଇଁ ନୁହଁ ଅଭିଭାବକମାନଙ୍କ ସହ ଶିକ୍ଷାବିତ, ବୁଦ୍ଧିଜୀବୀ ସର୍ବୋପରି ଏହି ତଥାକଥିତ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଓ ସଂସ୍ଥାପକ ମାନଙ୍କର ଗୁରୁଦାୟିତ୍ୱ ରହିଛି। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପ୍ତତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାଟ୍ଟୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାଟ୍ଟୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାଟ୍ଟୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡ୍ୟୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ । ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ । ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି । ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି । ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍ । ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା । ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା । ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି । ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା । ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ । ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ । ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି । କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ । ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ । ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା । ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ‘ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ୍ୟ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।’ ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନର୍ଭର କରେ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଦ୍ରୁତ ଗତିରୁ ହିଁ ବଡ଼ ସଡ଼କ ଦୁର୍ଘଟଣା

॥ ଅଭୟ କୁମାର ଦାସ ॥

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।

ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି। ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ୍ୟ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଆତ୍ମସମର୍ପଣ କଲେ ମାଓବାଦୀ କ୍ୟାଡର ଦାରସୁ ଶୋରେ

ନବରଙ୍ଗପୁର, (ମହାଭାରତ) : ଛତିଶଗଡ଼ ସହିତ ଓଡ଼ିଶା ସୀମାରେ ଥିବା କାଙ୍କେର ପୋଲିସ ଷ୍ଟେସନ ନିକଟରେ ମାଓ କ୍ୟାଡର ପିପିସିଏମ୍ ଦାରସୁ ଶୋରେ ତାଙ୍କର ଏକେ-୪୭ ସହିତ ଆତ୍ମସମର୍ପଣ କରିଛନ୍ତି। କାଙ୍କେର ପୋଲିସ ଅଧୀକ୍ଷକ ନିଖିଲ ରାଖେଚାଙ୍କ ସୂଚନା ଅନୁଯାୟୀ, ଆଗାମୀ କିଛି ଦିନ ମଧ୍ୟରେ ଅନେକ ମାଓ କ୍ୟାଡର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ, ମାଓ କ୍ୟାଡର ଦାରସୁ ଶୋରେ ଆଜି ଏକ ଏକେ-୪୭ ସହିତ ଆତ୍ମସମର୍ପଣ କରିଛନ୍ତି। ଉତ୍ତର ବସ୍ତର ଡିଭିଜନାଲ କମିଟି ପି ଏଲ୍ ଜୀ ଏ କମ୍ପାନୀ ନମ୍ବର ୦୫ ର ସଦସ୍ୟ ପିପିସିଏମ୍ ଦାରସୁ ଶୋରେଙ୍କ ମୁଣ୍ଡ ଉପରେ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ବସ୍ତର ରେଞ୍ଜର ପୋଲିସ ମହାନିରୀକ୍ଷକ ସୁନ୍ଦରରାଜ ପାଟ୍ଟାଲିଙ୍ଗମଙ୍କ ଅନୁଯାୟୀ, ଛତିଶଗଡ଼ ଅଞ୍ଚଳରେ ସକ୍ରିୟ ଥିବା ଅନ୍ୟ ମାଓ କ୍ୟାଡରଙ୍କ ସହିତ ଯୋଗାଯୋଗ କରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି। ଆଗାମୀ କିଛି ଦିନ ମଧ୍ୟରେ ମୁଖ୍ୟସ୍ରୋତରେ ଯୋଗଦେବା ପାଇଁ ଆଗେଇ ଆସିଥିବା ସମସ୍ତ ମାଓବାଦୀ କ୍ୟାଡରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରି, ବସ୍ତର ରେଞ୍ଜର୍ସର ପୋଲିସ ମହାନିରୀକ୍ଷକ, ଅବଶିଷ୍ଟ ମାଓବାଦୀ କ୍ୟାଡରମାନଙ୍କୁ ହିଂସା ପରିତ୍ୟାଗ କରି ମୁଖ୍ୟସ୍ରୋତରେ ଯୋଗଦେବା ପାଇଁ ପୁନର୍ବାର ଆହ୍ୱାନ କରିଛନ୍ତି।

## ସୁଧୂରୁନି ସହରର ଜରି ପଲିଥିନ ବହୁଳ ବ୍ୟବହାର

ଗଜପତି, (ମହାଭାରତ) : ପାରଳା ପରିଷଦ ଓଡିଶା ର ସର୍ବପୁରାତନ ପୌର ପରିଷଦ କିନ୍ତୁ ଏଠାରେ ସମସ୍ୟା ଅନେକ ସମାଧାନ କମ ଏଠାରେ ପଲିଥିନ ବହୁଳ ବେ ବ ହାର ହଉଛି। ଯାହା ଦ୍ୱାରା ପରିବେଶ ଦୂଷିତ ହଉଛି। ଏଥି ପ୍ରତି ପୌର ପରିଷଦ ଜାଣି ଶୁଣି କିଛି ପଦକ୍ଷେପ ନେଉନାହିଁ। ଗାଈ ଗୋରୁ ପଲିଥିନ ଖାଇଲେ କଣ ହେବ । ପୌର ପରିଷଦ ରେ ଗାଈ ଗୋରୁ ଘୁଷୁରୀର ପ ।ଦୃଭବ ଏତେ ବୃଦ୍ଧି ଜେ ଟ୍ରାଫିକ ସମସ୍ୟା ସୃଷ୍ଟି ସହ ବୁଲା କୁକୁରର ପଦୃଭାବ ଯେ ସହର ଲୋକ ଭୟଭୀତ ହଉଛନ୍ତି।

## ବିଧାୟକ ବିଭୂତି ଭୂଷଣ ପ୍ରଧାନ ଉଦଘାଟିତ ହେଲା ବିଧି ଡିଜାଇନସ ଅତ୍ୟାଧୁନିକ ସୋ-ରୁମ୍



ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମାର୍କେଟରେ ମହିଳା ଓ ଶିଶୁ ମାନଙ୍କ ପାଇଁ ଆରମ୍ଭ ହୋଇଛି ଅତ୍ୟାଧୁନିକ 'ବିଧି ଡିଜାଇନସ' ସୋ -ରୁମ। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ କର କମଳରେ ଅକ୍ଷି ତୃତୀୟରେ ଏହି ସୋ -ରୁମର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋ-ରୁମର ଉଦ୍ୟକ୍ତା ତଥା ମ୍ୟାନେଜିଙ୍ଗ ଡିରେକ୍ଟର ବନଲତା ମହାନ୍ତିଙ୍କ ପ୍ରଚେଷ୍ଟାରେ ପରଜଙ୍ଗରେ କେବଳ ମହିଳା ଓ ଶିଶୁ ଙ୍କ ପାଇଁ ପ୍ରଥମ ଥର ଏହି ସୋ-ରୁମ ଆରମ୍ଭ ହୋଇଛି। ଯେଉଁଠି ଆକର୍ଷଣୀୟ ଉପହାର ସହିତ ଛୋଟ ଛୁଆଙ୍କ ଠାରୁ ବଡ଼ ମାନଙ୍କ ପର୍ଯ୍ୟନ୍ତ ସମସ୍ତ ଡ୍ରେସ, ଶାଢ଼ୀର ସୁବିଧା ଉପଲବ୍ଧ। ନାମିଦାମୀ କମ୍ପାନୀର ସମସ୍ତ କଲେକ୍ସନ ସାଙ୍ଗକୁ ସମସ୍ତଙ୍କୁ ସୁହାଇଲା ଭଳି ପୋଷାକର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ହେଉଛି ପରଜଙ୍ଗର ବିଧି ଡିଜାଇନସ। ଆଗାମୀ ଦିନରେ ସୋ-ରୁମରେ ସମସ୍ତ ପ୍ରକାର ଆବଶ୍ୟକୀୟ ସାମଗ୍ରୀର ସମ୍ଭାର ଆରମ୍ଭ ହେବ ବୋଲି 'ବିଧି ଡିଜାଇନସ' ସୋ -ରୁମ ମ୍ୟାନେଜିଙ୍ଗ ଡିରେକ୍ଟର ବନଲତା ମହାନ୍ତି ପ୍ରକାଶ କରିଛନ୍ତି।

## ସରକାରୀ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ପଡିରହିଥିବା ସରକାରୀ ବାବୁଙ୍କ ବଦଳି କେବେ ?

ଉମରକୋଟ, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ବିଭିନ୍ନ ସରକାରୀ ବିଭାଗରେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିୟମିତ ବଦଳି ନୀତି ଥିବା ସତ୍ତ୍ୱେ, ମଧ୍ୟ ଅନେକ କର୍ମଚାରୀ ବର୍ଷ ବର୍ଷ ଧରି ଗୋଟିଏ ଅଫିସରେ ରହିବା ନେଇ ପ୍ରଶ୍ନ ଉଠୁଛି। କେବେ




ବଦଳି ନିର୍ଦ୍ଦେଶ ଦେବ ଜିଲ୍ଲା ପ୍ରଶାସନ । ତେବେ ଏଠି ପ୍ରଶ୍ନ ଉଠୁଛି କି ସରକାରୀ ବାବୁ ଗାଦି ଛାଡିବାକୁ ନାରାଜ ନା ପ୍ରଶାସନ ଏହି ବାବୁ ମାନଙ୍କୁ ଗୋଟିଏ ସ୍ଥାନରେ ରଖିବାରେ ଆଶ୍ରୟ ଦେଉଛି . ସାଧାରଣ ଲୋକେ କହିବା କଥା ଏହି ବାବୁ ମାନେ ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ରହି ନିଜର ବେଶ ଦବ ଦବା ଜାହିର ରଖି କାହାକୁ ଖାତିର କରୁନାହାନ୍ତି ଏବଂ ସାଧାରଣ ଲୋକେ କେହି କାହାର କୌଣସି କାମ ପାଇଁ ସରକାରୀ କାର୍ଯ୍ୟାଳୟ ଗୁଡିକୁ ଗଲେ କୋଉଠୁ ଟଙ୍କା ମାଗିବାର ଅଭିଯୋଗ ଆସୁଛିତ କିଏ ଜାଣି ଶୁଣି ଅବହେଳା କରିବା ଅଭିଯୋଗ ଆସୁଛି ଶେଷରେ ନିରାଶ ହୋଇ ମନ ଦୁଃଖରେ ସାଧାରଣ ଲୋକେ ଘରକୁ ଫେରିଆସୁଛନ୍ତି ଲୋକେ କୌଣସି ସୁବିଧା ଠିକ ଭାବରେ ପାଇଁ ପାରୁନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଜିଲ୍ଲାର ଉମରକୋଟ ସହର ଏକ ଆଦିବାସୀ ଅଧୁସିତ ଅଞ୍ଚଳ ହୋଇଥିବାରୁ ଏଠି ବାବୁ ମାନେ ସାଧାରଣ ଲୋକଙ୍କୁ ସୁବିଧା ଯୋଗାଇବାରେ ବିଫଳ । ସେଥିପାଇଁ ସରକାର ସାଧାରଣତଃ "ଟ୍ରାନ୍ସଫର ପଲିସି" ରଖେ, ଯେଉଁଥିରେ କିଛି ବର୍ଷ ପରେ କର୍ମଚାରୀଙ୍କୁ ଅନ୍ୟ ସ୍ଥାନକୁ ବଦଳି କରାଯାଏ। କିନ୍ତୁ ଅନେକ ସମୟରେ କାର୍ଯ୍ୟକାରୀ ଠିକ୍ ଭାବେ ହୁଏ ନାହିଁ, ତେବେ ଏହି ଗାଦି ମାଡି ବସିଥିବା ବାବୁମାନଙ୍କୁ ଯଦି ପ୍ରଶାସନ ତୁରନ୍ତ ଅନ୍ୟତ୍ର ବଦଳି କରେ। ହେଲେ ନୂଆ ଲୋକ ଆସି କାମରେ ଉର୍ନତି ଆଣିପାରିବେ, କିନ୍ତୁ ଏଠାରେ ସେହି ପରିବର୍ତ୍ତନ ଦେଖାଯାଉନାହିଁ," ବୋଲି ସାଧାରଣ ଲୋକେ ମତ ପ୍ରକାଶ କରିଛନ୍ତି। ପ୍ରଶାସନ ଏହି ବିଷୟରେ କେତେ ଶୀଘ୍ର ହସ୍ତକ୍ଷେପ କରିବ ଓ ନିୟମିତ ବଦଳି ପ୍ରଣାଳୀକୁ କାର୍ଯ୍ୟକାରୀ କରିପାରିବ— ସେଥିପାଇଁ ସମସ୍ତଙ୍କ ନଜର ରହିଛି। ଯଦି ଏହାକୁ ଅବହେଳା କରାଯାଏ, ତେବେ ପ୍ରଶାସନ ଉପରେ ଲୋକଙ୍କ ବିଶ୍ୱାସ କମିଯିବାର ସମ୍ଭାବନା ରହିଛି।

## ଖବର ପ୍ରସାରଣକୁ ନେଇ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା ଅଭିଯୁକ୍ତଙ୍କ ଗିରଫ ଦାବିରେ ଏସ୍.ପିଙ୍କୁ ଭେଟିଲେ ସାମ୍ବାଦିକ

ଖୋର୍ଦ୍ଧା/ଟାଙ୍ଗୀ, (ମହାଭାରତ) : ଟାଙ୍ଗୀ ବ୍ଲକର ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ଓରଫ ମାଲ ବିଶ୍ୱାଳଙ୍କୁ ଖବର ପରିବେଷଣକୁ କେନ୍ଦ୍ରକରି ଜଣେ ଅସାମାଜିକ ବ୍ୟକ୍ତି ଘରେ ପଶି ଆକ୍ରମଣ କରିବା, ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରିବା ଓ ହତ୍ୟା ଧମକ ଦେବା ଘଟଣା ପ୍ରତିବାଦରେ ଆଜି ଓ.ୟୁ.ଡବ୍ଲ୍ୟୁ.ଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ଆହ୍ୱାନ କ୍ରମେ ଓ.ୟୁ.ଜେ ଖୋର୍ଦ୍ଧା ଜିଲ୍ଲା ସଭାପତି ତପନ କୁମାର ନାୟକ, ଉତ୍କଳ ସାମ୍ବାଦିକ ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସମେତ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ଏବଂ ବିଭିନ୍ନ ସଂଗଠନର ପ୍ରାୟ ପଚାଶରୁ ଉର୍ଦ୍ଧ ସାମ୍ବାଦିକ ଏସ୍ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି । ଆସନ୍ତା ୭ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ସମୂହ ସାମ୍ବାଦିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସମ୍ମିଳିତ



କର୍ମଜିବୀ ସାମ୍ବାଦିକ ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ହାତୀ ଚେତାବନୀ ଦେଇଛନ୍ତି । ଏହାକୁ ଓ.ୟୁ.ଜେ, ଉତ୍କଳ ସାମ୍ବାଦିକ ସଂଘ ସହିତ ଜିଲ୍ଲା ପ୍ରେସ କ୍ଲବ ଓ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସଦସ୍ୟମାନେ ସମର୍ଥନ ଜଣାଇଛନ୍ତି । ସୂଚନା ମୁତାବକ , ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ନାଗରିକ ପଦ୍ମନାଭ ବିଶ୍ୱାଳ (୮୨) କଡ଼ା ଜବାବ୍ ନାମରେ ନିଜର ଫେସବୁକ ବ୍ଲଗପେଜରେ ଜଣେ ବିବାହିତ ମହିଳା ଶ୍ରମିକଙ୍କ ଆତ୍ମହତ୍ୟା ସମ୍ପର୍କିତ ଖବର ଗତ ୮ ଓ ୯ ତାରିଖରେ ପ୍ରସାରଣ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଗତ ୧୬ ତାରିଖରେ ଟାଙ୍ଗି ଥାନା ଅନ୍ତର୍ଗତ ବଡ଼ପାରି ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ନିଜର କିଛି ସମର୍ଥକଙ୍କ ସହ ଶ୍ରୀ ବିଶ୍ୱାଳଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏପରିକି ତାଙ୍କୁ ଖବର ପ୍ରସାରଣ କଲେ ହତ୍ୟାଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି । ଶ୍ରୀ ବିଶ୍ୱାଳ ଏନେଇ ଟାଙ୍ଗୀ ଥାନାରେ ଏକ ଅଭିଯୋଗ କରିଥିଲେ । କିନ୍ତୁ ଅଭିଯୋଗକୁ ୭ଦିନ ବିତି ଯାଇଥିଲେ ସୁଦ୍ଧା ସ୍ଥାନୀୟ ପୋଲିସ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆପୋଷ ବୁଝାମଣାରେ କିପରି ମାମଲାର ସମାଧାନ କରାଯିବ, ସେ ନେଇ ଥାନା ଅଧିକାରୀ ଉଦ୍ୟମ କରୁଥିବା ନେଇ ଶ୍ରୀ ବିଶ୍ୱାଳ ଏସ୍.ପିଙ୍କୁ ଅଭିଯୋଗ କରିଛନ୍ତି । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରତିନିଧି ମାନେ ନିନ୍ଦା କରିବା ସହିତ ଜଣେ ବରିଷ୍ଠ ନାଗରିକ ତଥା ବରିଷ୍ଠ ସାମ୍ବାଦିକଙ୍କୁ ଘରେ ପଶି ଆକ୍ରମଣ କରିବା ଓ ହତ୍ୟା ଧମକ ଦେବା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଓ ଶ୍ରୀ ବିଶ୍ୱାଳଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରିବା ଦାବିରେ ଏସ୍ପି ବିବେକାନନ୍ଦ ଶର୍ମାଙ୍କୁ ଭେଟି ଦାବି କରିଛନ୍ତି । ଅଭିଯୁକ୍ତ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ୭ଦିନ ପରେ ଏସ୍ପି ଅଫିସ ସମ୍ମୁଖରେ ସାମ୍ବାଦିକ ମାନେ ଧାରଣାଦେବେ ବୋଲି ଚେତାବନୀ ଦେଇଛନ୍ତି । ଅଭିଯୋଗକୁ ଗୁରୁତ୍ୱ ଦେଇ ଘଟଣାରେ ତୁରନ୍ତ ମାମଲା ରୁଜୁ କରାଯାଇ ଜିଲ୍ଲା ମୁଖ୍ୟାଳୟର ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରା ଏହି ଘଟଣାର ଯାଞ୍ଚ କରାଯିବ ଏବଂ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ଏସ୍. ପି ଶ୍ରୀ ଶର୍ମା ପ୍ରତିଶ୍ରୁତି ଦେଇଛନ୍ତି ।

## ପଞ୍ଚାୟତ ସମିତିର ଦ୍ୱାଦଶ ସାଧାରଣ ଅଧିବେଶନ

### ବ୍ଲକ ପ୍ରଶାସନ ଜନପ୍ରତିନିଧି ଙ୍କୁ ଅଣଦେଖା,କୌଣସି କାର୍ଯ୍ୟ ସମ୍ପର୍କରେ ଜନପ୍ରତିନିଧି ଙ୍କୁ ଜଣାଉନଥିବାରୁ ବୈଠକ ଅଧାରୁ ଉଠି ଆସିଲେ

ନୂଆଗାଁ, (ମହାଭାରତ ) : ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସଦଭାବନା ଗୃହରେ ଦ୍ୱାଦଶ ସାଧାରଣ ଅଧିବେଶନ ଅନଷ୍ଠିତ ହୋଇଯାଇଛି ।ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ନୂଆଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ଅମୃତ କୁମାର ରାଉଳ,ଉପାଧକ୍ଷ ପର୍ଶୁରାମ ସ୍ୱାଇଁ,୧୭ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ପ୍ରତିମା ଦଳବେହେରା, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ସମେତ ସମସ୍ତ ଜନପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।ଏଥିରେ ଶିକ୍ଷା,ସ୍ୱାସ୍ଥ୍ୟ,ସାମାଜିକ କଲ୍ୟାଣ,ପାନୀୟ ଜଳ,କୃଷି,ଉଦ୍ୟାନ କୃଷି,ପଶୁ ସମ୍ପଦ, ବିଦ୍ୟୁତ ଓ ରାସ୍ତାଘାଟ ଆଦିର ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା। ଜାକେଡ଼ା ଓ ପାରାଢ଼ିପି ପଞ୍ଚାୟତ ଶିମିଳିସାହି ଠାରୁ ବାଲଣ୍ଡା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ନିର୍ମାଣ କରିବାରେ ବିଳମ୍ବ ହୋଇଥିବାରୁ ଆରଡ଼ି ବିଭାଗୀୟ



ଅଧିକାରୀଙ୍କ ଉପରେ ବର୍ଷିଥିଲେ ପାରାଢ଼ିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ ।ସେହିପରି ବିଭିନ୍ନ ପଞ୍ଚାୟତରେ ଅଧାପନ୍ତରିଆ ପଡ଼ି ରହିଥିବା ରାସ୍ତା,ବ୍ରିଜ ଅନ୍ୟ ଜନପ୍ରତିନିଧି ମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ ।ବର୍ତ୍ତମାନ ବ୍ଲକର ୨୨ଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁଥିବା ନେଇ ବୈଠକରେ ଆଲୋଚନା ଚାଲିଥିଲା ।ଏନେଇ ବ୍ଲକ ପ୍ରଶାସନ ଏବଂ ଜନପ୍ରତିନିଧି ଙ୍କ ମଧ୍ୟରେ ତର୍କ ବିତର୍କ ହୋଇଥିଲା ।ବିଶେଷ କରି ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟ ଉପରେ ବିସ୍ତୃତ୍ୱ ଭାବେ ଆଲୋଚନା ଚାଲିଥିଲା ।କୌଣସି କାର୍ଯ୍ୟ ଉପରେ ବ୍ଲକ ପ୍ରଶାସନ ମାନେ ଜନପ୍ରତିନିଧି ମାନଙ୍କୁ ଅବଗତ କରୁନଥିବାରୁ ସମସ୍ତେ ଅତିଷ୍ଠ ହୋଇ ଖପ୍ପା ହୋଇଥିଲେ ।ସରକାରଙ୍କ ଚାପରେ ଚେପା ହୋଇ ବ୍ଲକ ପ୍ରଶାସନ ଜନପ୍ରତିନିଧି ମାନଙ୍କୁ ଅଣଦେଖା କରୁଥିବାରୁ ବୈଠକ ଅଧାରୁ ସମସ୍ତ ଜନପ୍ରତିନିଧି କକ୍ଷତ୍ୟାଗ କରିଥିବା ନେଇ ପ୍ରକାଶ କରିଥିଲେ । ବାହାରେ ଧାରଣା ଦେଇ ଜନପ୍ରତିନିଧି ଙ୍କୁ ଅଣଦେଖା ଚଳିବ ନାହିଁ,ଯଦି ଚଳିବ ରାଜରାସ୍ତାରେ ଲଢେଇ ହେବ,ବ୍ଲକ ପ୍ରଶାସନ ହାଏ ହାଏ, ସରପଞ୍ଚ ସମିତି ଏକତା ଜିନ୍ଦାବାଦ ନାରା ଦେଇଥିଲେ। ଏଭଳି ରୁଚକ ଦୃଶ୍ୟ ପୂର୍ବରୁ ନୂଆଗାଁ ବ୍ଲକରେ କେବେ ଦେଖିବାକୁ ମିଳିନଥିଲା। ଯାହାକି ଆଜି ଦ୍ୱାଦଶ ସାଧାରଣ ଅଧିବେଶନରେ ଦେଖିବାକୁ ମିଳିଥିଲା ।ବିଡ଼ିଓ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ ଧାରଣାରୁ ଉଠିଥିଲେ। ଏହାପରେ ସଭାକାର୍ଯ୍ୟ ସ୍ୱାଭାବିକ ହୋଇଥିଲା ।ଆଗାମୀ ଦିନରେ ବ୍ଲକ ପରିସରରେ ଜନପ୍ରତିନିଧି ମାନଙ୍କ ପାଇଁ ଶୌଚାଳୟ ଠାରୁ ବିଶ୍ରାମ ଗୃହ ନିର୍ମାଣ କରାଯିବ ବୋଲି ବିଡ଼ିଓ ପ୍ରତିଶୃତି ଦେଇଥିଲେ ।ତତ ସହିତ ସାଂସଦ ଙ୍କ ବିନା ଚିଠିରେ ମଞ୍ଚ ଉପରେ ଭୀମସେନ ସେଠି କିପରି ବସିଲେ ଏନେଇ ସରପଞ୍ଚ ଓ ସମିତି ସଭ୍ୟ ବିଡ଼ିଓ ଙ୍କୁ ପ୍ରଶ୍ନ ପଚାରିଥିଲେ। ବିଡିଓ ଶ୍ରୀ ରାଉଳ ପ୍ରଶ୍ନର ଉତ୍ତରରେ କହିଥିଲେ କୌଣସି ଚିଠି ହୋଇନଥିଲା ଭର୍ବାଲରେ ସାଂସଦ କହିଥିବାରୁ ମଞ୍ଚାସିନ ହୋଇଥିଲେ ।ବିନା ଚିଠିରେ ମଞ୍ଚରେ ବସି ପାରିବେ ନାହିଁ ବୈଠକରେ ଆଲୋଚନା ହୋଇଥିବା ନେଇ ସାଂସଦ ଙ୍କୁ ଅବଗତ କରିବେ ବୋଲି ବିଡ଼ିଓ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏଭଳି ଭୁଲ ହେବ ନାହିଁ ବୋଲି ପ୍ରତିକ୍ରିୟା ରଖିଥିଲେ।

## ଆସିକାରୁ ମୋଟ ୨୪ ଦମ୍ପତି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମିଲ

ଆସିକା, (ମହାଭାରତ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆସିକା ଅଞ୍ଚଳର ଗରିବ ଶ୍ରେଣୀର ଝିଅମାନଙ୍କୁ ଉପହାର ସ୍ୱରୂପ ସମାନଙ୍କର ବିବାହ ଖର୍ଚ୍ଚ ବହନ କରିଛନ୍ତି ରାଜ୍ୟ ସରକାର। ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଝିଅମାନଙ୍କର ଗଣ ବିବାହ ଉପହାର ପାଇଁ ସେମାନଙ୍କୁ ସରକାର ଯୋଜନା ସାମିଲ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଝିଅ ଜନ୍ମ ଏକ ଆଶୀର୍ବାଦ ଅଭିଶାପ ନୁହେଁ, ଆମେ ସେମାନଙ୍କର ସ୍ୱପ୍ନ ପୁରାଣ କରିବା ଉଚିତ । ଓଡ଼ିଆ ପ୍ରଥା ଓ ପରମ୍ପରାରେ ବିବାହ ବ୍ୟୟବହୁଳ ହୋଇଥିବାରୁ ବହୁ ଗରିବ ପରିବାର



ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ପରିପେକ୍ଷୀରେ ଆସିକା ବ୍ଲକ ଆସିକା ଶିଶୁ ମଙ୍ଗଳ ଅଧିକାରୀ ଶାନ୍ତି କରସୁଧା ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ୧୪ ଜଣ ନବ ଦମ୍ପତିଙ୍କୁ ଆସିକା ଉପ ନିବନ୍ଧକ କାର୍ଯ୍ୟାଳୟ ରେ ବିବାହ ନିମନ୍ତେ ଆବଶ୍ୟକ କାର୍ଯ୍ୟକ୍ରମ ସମ୍ପାଦନ ହୋଇଛି । ଆସିକା ବ୍ଲକ ର ୧୧ ଗୋଟି ସେକ୍ଟରରୁ ୧୪ ଜଣ ବର ବଧୂ ଙ୍କୁ ଉପ ନିବନ୍ଧକ ତଥା ବିବାହ ଅଧିକାରୀ ସମରଜୀତ ତ୍ରିପାଠୀ ବିବାହ ନିମନ୍ତେ ପଞ୍ଜିକରଣ କରିଥିଲେ । ପ୍ରତ୍ୟେକ ବର କନ୍ୟାଙ୍କ ପକ୍ଷରୁ ୦୩ ଜଣଙ୍କ ସାକ୍ଷ ପ୍ରମାଣଙ୍କୁ ଆଧାର କରି ବିବାହ ନିମନ୍ତେ ସ୍ଥିର କରାଯାଇଛି। ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ମା ଭୈରବୀଙ୍କ ପୀଠରେ ଗୋଟିଏ ଦମ୍ପତି ସାମୁହିକ ବିବାହରେ ଅନ୍ତର୍ଭୁକ୍ତ ହୋଇଥିଲେ । ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ କନ୍ୟା ମାନଙ୍କୁ ୪୫ ହଜାର ଟଙ୍କାର ଆର୍ଥିକସହାୟତା ସହିତ ବେଦୀ ଖର୍ଚ୍ଚ ପାଇଁ ୦୬ ହଜାର ଦେବାର ସୁବିଧା ରହିଛି । ଆଜି ଆଜିର କାର୍ଯ୍ୟକ୍ରମରେ ଆସିକା ସିଡିପିଓ କାର୍ଯ୍ୟାଳୟରପ୍ରକଳ୍ପ ପରିଦର୍ଶିକା ସଂଯୁକ୍ତା ସ୍ୱାଇଁ, ପ୍ରମିଳା ସାହୁ, ବିଷ୍ଣୁପ୍ରିୟା ଜାନି ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ଏଥି ପୂର୍ବରୁ ଗତ ଫେବୃଆରୀ ମାସରେ ୧୦ଜଣ ଦମ୍ପତିଙ୍କୁ ମା ତାରାତାରିଣୀ ପୀଠରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୁହିକ ବିବାହ କରାଯାଇଥିଲା।

## ଜେସିବି ଏବଂ ହିଟାଚି ମେସିନରେ ଖୋଳା ଚାଲିଛି ମନରେଗାରେ ପୋଖରୀ ଖନନ : ଅଧିକାରୀ ବାବୁ ମାନେ ସବୁ ଜାଣି ଅଜଣା

ନୟାଗଡ, (ମହାଭାରତ) : ନୟାଗଡ ଜିଲ୍ଲା ରଣପୁର ବ୍ଲକର ସୁନାଖଳା ପଞ୍ଚାୟତ ରମ୍ଭାବିଲି ଠାରେ ମନରେଗା ଯୋଜନାରେ ଜେସିବି ମେସିନ ଯୋଗେ ପୋଖରୀ ଖନନ କୁ ନେଇ ଅଭିଯୋଗ ହେଇଛି । ପୂର୍ବରୁ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ହେଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରିନଥିବା ସୂଚନା ମିଳିଛି । ରଣପୁର ବ୍ଲକର ଆଦର୍ଶ ପଞ୍ଚାୟତ ରେ ଅନ୍ତର୍ଭୂକ୍ତ ହେଇଥିବା ସୁନାଖଳା ପଞ୍ଚାୟତରେ ବିନା ଦେୟ ସୂଚନା ଫଳକରେ ଜେସିବି ମେସିନ ଦ୍ୱାରା ଏମଜିଏ ନଆରଇଜିଏ ପୋଖରୀ ଖୋଳା କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଅଞ୍ଚଳ ବାସୀ କାମ ନ ପାଇ ପ୍ରତିଦିନ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ବେଳେ ଏପଟେ ଜେସିବି ଏବଂ ହିଟାଚି ମେସିନ ଦ୍ୱାରା ପୋଖରୀ ଖନନ କାର୍ଯ୍ୟକରି



କିଛି ଅର୍ଥ ହଡପ ଲାଳସା କାରୀ ଅର୍ଥ ହଡପ କରିବା ପାଇଁ ବେଶ ମାହିର ଚଳାଇଛନ୍ତି। ଏ ନେଇ ପଞ୍ଚାୟତ ରେ କାର୍ଯ୍ୟରତ ପିଇଓ, ବ୍ଲକ ଯନ୍ତ୍ରୀ ମାନେ ମୋଟା ଅଙ୍କ ନେଇ ମିଛ ଶ୍ରମିକ ଙ୍କ ଫଟୋ ଉଠାଇ କାର୍ଯ୍ୟର ବିଲ୍ କରୁଥିବା କାର୍ଡ ଧାରି ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଯଦିବା କେହି ପିଇଓ ଓ ଜେଇ ଙ୍କୁ ଏ ବାବଦରେ କାହିଁକି ମେସିନ ଦ୍ୱାରା କାମ ହେଉଛି ବୋଲି ପଚାରିଲେ ସେ ଏ କାମ ବାବଦରେ ମୁଁ କିଛି ଜାଣିନି, ବୋଲି କହୁଥିବା ସୂଚନା ମିଳିଛି। ରଣପୁର ବ୍ଲକ ଯନ୍ତ୍ରୀ ମାଡାମ୍ ଙ୍କୁ ଫୋନ ଯୋଗେ ଯୋଗା ଯୋଗ କଲେ ମାଡାମ୍ ବନ୍ଦିତା ବଳିୟାର ସିଂ ଫୋନ ରିସିଭ୍ କରୁନାହାନ୍ତି। ତେବେ ଏ ନେଇ ଅଧିକାରି ବାବୁ ମାନେ କେମିତି ନ ଜାଣିବା ସହ ଜେସିବ ମେସିନରେ କାର୍ଯ୍ୟ ହେଉଛି ତାହା ଏବେ ବଡ଼ ପ୍ରଶ୍ନବାଚି ସୃଷ୍ଟି କରିଛି। ଅନ୍ୟପଟେ ସରକାରି ବାବୁ ମାନଙ୍କ ସଲାସୁତୁରା ରେ ଠିକାଦାର, ଜେଇ ଓ, ଗ୍ରାମସାଥୀ ସରକାର ଙ୍କ ନିୟମାବଳୀ କୁ ଖୋଲା ଖୋଲି ଭାବେ ଉଲ୍ଲଂଘନ କରୁଥିବା କୁହାଯାଇଛି। ରଣପୁର ବ୍ଲକ୍ ଏବେ ଦୁର୍ନୀତି ର ଗନ୍ତାଘର ବୋଲି ସାଧାରଣରେ ଚର୍ଚ୍ଚା ଜୋର ହେଉଛି। ହେଲେ ଏଥି ପ୍ରତି ରଣପୁର ବିଡ଼ିଓ, ନୟାଗଡ ଜିଲ୍ଲାପାଳ, ଏବଂ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ ମାନେ ଦୃଷ୍ଟି ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିଲେ କାର୍ଯ୍ୟରତ ଶ୍ରମିକ

ଦାନଗର୍ଦି/କଳିଙ୍ଗନଗର, (ମହାଭାରତ): କଳିଙ୍ଗନଗର ଶିଳ୍ପାଞ୍ଚଳ ଦିନକୁ ଦିନ ଯେତେ ଚଳଚଞ୍ଚଳ ହେଉଛି ଦିନକୁ ଦିନ ସେତେ କିଛିନା କିଛି ସମସ୍ୟା ଲାଗିରହୁଛି। ବକେୟା ଦରମା ନମିବାରୁ ଭିସା କାରଖାନା ସମ୍ମୁଖରେ ୩ ଦଫା ଦାବି ନେଇ ଶ୍ରମିକ ମାନେ ଆନ୍ଦୋଳନରେ ବସିବା ଦେଖିବାକୁ ମିଳିଛି। ଭିସା କାରଖାନାର କାର୍ଯ୍ୟରତ ଶ୍ରମିକ ସୋମବାର ସକାଳୁ ଏକତ୍ରିତ ହୋଇ ଫାଟକ ସମ୍ମୁଖରେ ଆନ୍ଦୋଳନ ରେ ବସିରହିଥିଲେ। ପରେ ଯଖପୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଇନ ସୃଙ୍ଖଳା ରକ୍ଷା କରିବାସହ ପରେ ଦାନଗଦି ତହସିଲ କାରଖାନା କତୃପକ୍ଷ ଓ କର୍ମଚାରୀ ଙ୍କ ମଧ୍ୟରେ ବକେୟା ଦରମା ପ୍ରସଙ୍ଗରେ ଆଲୋଚନା ହେବାପରେ ଦୁଇମାସର ଦରମା ପ୍ରଦାନ କରିବାସହ କାରଖାନା ଚାଲିଲେ ବାକି ଦୁଇମାସ ଦରମା ପ୍ରଦାନ କରିବେବୋଲି ଭିସା କତୃପକ୍ଷ ଆଲୋଚନା କରିବାରୁ ଧାରଣାରୁ ଉଠିଥିଲେ ଶ୍ରମିକମାନେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଗୁଜୁରାଟର ଅଙ୍କଲେଶ୍ୱରରେ ଓଡ଼ିଆ ନୂତନ ବର୍ଷ ଉତ୍ସବ ଧୁମଧାମରେ ପାଳିତ



ବାଣପୁର : ( ମହାଭାରତ )ଗୁଜୁରାଟର ଭରୁଚ ଜିଲ୍ଲା ଅନ୍ତର୍ଗତ ଅଙ୍କଲେଶ୍ୱର ଜିଆଇଡିସି ଠାରେ ଓଡ଼ିଆ ସମାଜ ପକ୍ଷରୁ ଶ୍ରୀ ଜଗନ୍ନାଥ କଲଚୁରାଲ ଗ୍ରୁପ ଓ ଓଡ଼ିଶା ସେବା ମଣ୍ଡଳ ମିଳିତ ଭାବେ ଉତ୍ସାହ ଓ ଉଦ୍ଦୀପନାର ସହ ଓଡ଼ିଆ ନୂତନ ବର୍ଷ ପାଳନ କରିଥଲେ। କାର୍ଯ୍ୟକ୍ରମର ଆରମ୍ଭରେ ପୂଜାର୍ଚ୍ଚନା ଓ ଶୁଭ ମଙ୍ଗଳାଚରଣ ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା। ପରେ ଗୀତ, ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ୟକ୍ରମ ମାଧ୍ୟମରେ ସମସ୍ତଙ୍କ ମନୋରଞ୍ଜନ ହୋଇଥିଲା ଓ ଓଡ଼ିଆ ସଂସ୍କୃତିର ଚିତ୍ରଣ ଦେଖାଯାଇଥିଲା। ଏହି ଉତ୍ସବର ସଫଳ ଆୟୋଜନ ପାଇଁ ଶ୍ରୀ ଅମରେଶ ନରେନ୍ଦ୍ର, ପ୍ରକାଶ ଚନ୍ଦ୍ର ମିଶ୍ର, ବବୁଲୁ ସୁବୁଧି, ପ୍ରଶାନ୍ତ ମଲ୍ଲିକ , ଉଦୟନାଥ ରାଉତ, ଉଷାରାଣୀ ନରେନ୍ଦ୍ର, କପିଳେନ୍ଦ୍ର ସାହୁ, ଚନ୍ଦ୍ରଶେଖର ଖୁଣ୍ଟିଆ , ନୀଳମଣି ପଲାଇ, ଶରତ ଚନ୍ଦ୍ର ମହାନ୍ତି, ରମେଶ ସାହୁ, ଚିନ୍ମୟୀ ଛଡ଼ଙ୍ଗି, କାଜଲ ପାଣିଗ୍ରାହୀ, ଦିବ୍ୟଜେଣ୍ଟି ନାୟକ, ସନ୍ତୋଷ ପ୍ରଧାନ, ପାର୍ଥସାରଥୀ ଦାସ ଓ ସଂଗମିତ୍ରା ମିଶ୍ର ଆଦି ମୁଖ୍ୟ ଭୂମିକା ନିଭାଇଥିଲେ। ସାଂସ୍କୃତିକ କାର୍ୟକ୍ରମରେ ଶ୍ରୀମତୀ ମଧୁସ୍ମିତା ମିଶ୍ର, ରେଖା ସାହୁ, ମମତା ଖୁଣ୍ଟିଆ, ପଦ୍ମଜା ଖୁଣ୍ଟିଆ, ବୈଶାଳୀ ମହାନ୍ତି, ରଶ୍ମି ମହାକୁର, ପ୍ରସନ୍ନ ମିଶ୍ର, ସନ୍ଧ୍ୟାରାଣୀ ରାଉତ, ସଂଗମିତ୍ରା ମିଶ୍ର, ମୋନିକା ହୋତା , ସୁନାଲି ଡାକୁଆ, ସବିତା ମଲ୍ଲିକ , ଚିନ୍ମୟୀ ସଡ଼ଙ୍ଗି, ବିଜୟ ଲକ୍ଷ୍ମୀ ଦାସ,ବିଳାସିନୀ ରାଉତ, ସଞ୍ଜୟ ପଣ୍ଡା, ରଞ୍ଜିତା ସୁବୁଧି, ପ୍ରଶାନ୍ତ ମଲ୍ଲିକ, ରମେଶ ସାହୁ, ଉଦୟନାଥ ରାଉତ, କପିଳେନ୍ଦ୍ର ସାହୁ, ସୀମା ପ୍ରଧାନ, ମିନତୀ ପଲାଇ ଆଦି ଭାଗ ନେଇଥିଲେ। ଏହି ଅବସରରେ ଶ୍ରୀ କେଶବ ଚନ୍ଦ୍ର ସାହୁ, ପ୍ରଭାସ ମହାପାତ୍ର, ଅଶୋକ ମହାପାତ୍ର, ଜଗନ୍ନାଥ ମହାରଣା , ନିରୁପମା ଭକ୍ତ,ଅତକ୍ଷଶୀ ଦାସ, ପ୍ରଭାତ ସତପଥୀ, ବସନ୍ତ ସେଠି, ପ୍ରଶାନ୍ତ ମାଝି, ଦିବାଶିଷ ପାତ୍ର, ଗୋପାଳ ରାଉତ,ପୁଷ୍ପା ପଟନାୟକ, ମିତା ପାତ୍ର ଓ ଉମାକାନ୍ତ ସ୍ୱାଇଁ, ସୁଧାଂଶୁ ଝା, ଘନଶ୍ୟାମ ଝା, ଭାବେଶ ସିଂହ ଆଦି ଅତିଥି ଭାବେ ଉପସ୍ଥିତ ଥିଲେ।ସମଗ୍ର କାର୍ୟକ୍ରମଟି ସୁଚାରୁ ଭାବରେ ପରିଚାଳିତ ହୋଇଥିବା ସହ ଅଙ୍କଲେଶ୍ୱରର ଓଡ଼ିଆ ସମାଜ ମଧ୍ୟରେ ଏକତା, ସାମ୍ପ୍ରୀତି ଓ ସମଗ୍ର କାର୍ୟକ୍ରମଟି ସୁଚାରୁ ଭାବରେ ପରିଚାଳିତ ହୋଇଥିବା ସହ ଅଙ୍କଲେଶ୍ୱରର ଓଡ଼ିଆ ସମାଜ ମଧ୍ୟରେ ଏକତା, ସାମ୍ପ୍ରୀତି ଓ ସଂସ୍କୃତିକ ଗୌରବକୁ ଆହୁରି ମଜବୁତ କରିଥିଲା।

## କ୍ୟାନଫେଷ୍ଟ-୨୦୨୬ର ଦ୍ୱିତୀୟ ସନ୍ଧ୍ୟା

# ମନ ମୋହିଲା ଓଡ଼ିଆ ନାଟକ 'କାରାଗାର ର କାହାଣୀ'



ପାରାଦୀପ(ମହାଭାରତ): ପାରାଦୀପ ର ଜୟଦେବ ସଦନ ଠାରେ ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ ର ୨ୟ ସନ୍ଧ୍ୟାରେ ରାଉରକେଲାର ନିଉ କ୍ରେଷ୍ଟ ରିପରଟରି ଅନୁଷ୍ଠାନ ଯୁବ ନାଟ୍ୟ ନିର୍ଦ୍ଦେଶକ ନଳିନୀ ନିହାର ନାୟକଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ କାରାଗାର ର କାହାଣୀ ମଞ୍ଚସ୍ଥ କରିଥିଲେ। ଏହି ନାଟକରେ ଜେଲ ହେଉଛି ନାୟକ ଯିଏ ଏହାର କାହାଣୀକୁ ସମସାମୟିକ ଭାବରେ ବର୍ଣ୍ଣନା କରେ। ଜେଲ ହେଉଛି ଶାସକଙ୍କ ଗର୍ବ, ଅହଂକାର ଏବଂ ସାହସର ପ୍ରତୀକୟ ଜେଲ ଅଞ୍ଚଳରେ ମଣିଷର ସ୍ୱାଧୀନ ଚିନ୍ତାଧାରା ଏବଂ ବିବେକକୁ ନିଷ୍ଠୁର ଭାବରେ ଚୂର୍ଣ୍ଣ କରାଯାଏ। ତଥାପି ଜେଲ ହେଉଛି ଚିନ୍ତାଧାରା ଏବଂ ପରିବର୍ତ୍ତନର ନୂତନ ଉପାୟର ଉତ୍ସ ଯାହା ମାନବ ମନର ଅନ୍ଧକାରର ଅନ୍ତ ଘଟାଇଥାଏ।ଶାସକଙ୍କ ନିର୍ଦ୍ଦେଶରେ ଜେଲଗୁଡ଼ିକ ତିଆରି ଏବଂ ଅକୃତକାର୍ଯ୍ୟ ହୁଏ। ଜେଲ ଏବଂ ମୁକ୍ତି ହେଉଛି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।ରୂପକ ଭାବରେ କହିବାକୁ ଗଲେ, ପ୍ରକୃତ ଜେଲ ବାହାରେ ଅନେକ ଜେଲ ଅଛି। ଏଗୁଡ଼ିକ ଅଧିକ ଭୟଙ୍କର ଏବଂ ବିଚଳିତକାରୀ। ଏଠାରେ ମଣିଷ ରୂପରେ ଶୟତାନ ବାସ କରନ୍ତି। ମଣିଷର ସ୍ୱାଧୀନ ଚିନ୍ତାଧାରା ସମ୍ପୂର୍ଣ୍ଣ ଭାବରେ ହଜିଯାଇଛି। ଇତିହାସ ଏବଂ ନୀତିଶାସ୍ତ୍ରରେ ଜେଲରେ ଲଗାଯାଇଥିବା ବିପ୍ଳବ ଏବଂ ପରିବର୍ତ୍ତନର ବୀଜ ଚିତ୍ରିତ ହୋଇଛ। ଆଜି ଜେଲର ପରିଭାଷାରେ ଏକ ବଡ଼ ପରିବର୍ତ୍ତନ ଆସିଛି। ନାଟକର ପୃଷ୍ଠାଗୁଡ଼ିକରେ ଜେଲର ଧାରଣା ପ୍ରତିଫଳିତ ହୋଇଛ। କଏଦୀ ସଂଖ୍ୟା ୧, ୨, ୩ ଏବଂ ୪ କୁ ସମଗ୍ର କଏଦୀଙ୍କ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। କିଛି ସ୍ଥାନରେ ଭାଗବତର ଧାଡ଼ି, ବୀରକିଶୋର ଦାସ, ବଙ୍କିମ ଚନ୍ଦ୍ରଙ୍କ ଗୀତ ନାଟକରେ ଅନ୍ତର୍ଭୁକ୍ତ କରାଯାଇଛି। ସାମଗ୍ରିକ ଭାବରେ, କାରାଗାରର କାହାଣୀ ହେଉଛି ସତ୍ୟ, ପରିବର୍ତ୍ତନ ଏବଂ ପରିବର୍ତ୍ତନର କାହାଣୀ ଯାହା ବାହ୍ୟ ଜଗତ ଏବଂ ମାନବ ମନରେ ଘଟେ। ନାଟକରେ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କ ମନ ମୋହିଥିଲା ଓ ଦର୍ଶକ ମାନେ କ୍ୟାନମାସ ବିଶେଷ କରି ସମ୍ପାଦକ ଶ୍ରୀମନ ମିଶ୍ରଙ୍କ ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା ମଧ୍ୟ କରୁଥିବା ଦେଖିବାକୁ ମିଳିଥିଲା । ୩ୟ ସନ୍ଧ୍ୟାରେ ଭୁବନେଶ୍ୱରର ହୃଦ୍ୟ ନାଟ୍ୟ ସଂସ୍ଥା ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ ସେକ୍ସପିଅର ମଞ୍ଚସ୍ଥ କରିବେ ।

## ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପାରାଦୀପ(ମହାଭାରତ): ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ବିଭାଗ ତରଫରୁ ବୁଧବାର ଦିନ ଏକ ଆଡ଼ମ୍ବର ପୂର୍ଣ୍ଣ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗର ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ର ଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରୀ ମାନଙ୍କୁ ଜୀବନକୁ କିପରି ସଫଳ କରିପାରିବେ ଏବଂ ଭଲ ମଣିଷ ଭାବେ ନିଜକୁ ପ୍ରତିଷ୍ଠା କରିପାରିବ ସେ ସମ୍ପର୍କରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଅଶୋକ କୁମାର ବେହେରା ଯୋଗ ଦେଇ ପିଲା ମାନଙ୍କ ର ମଙ୍ଗଳ କାମନା କରିଥିଲେ। ବିଭାଗୀୟ ଅଧ୍ୟାପକ ପ୍ରତୀକ କୁମାର ପଣ୍ଡା ଓ ଅଧ୍ୟାପିକା ଶ୍ରୀମତୀ ସଂଘମିତ୍ରା ପ୍ରଧାନ ନିଜ ନିଜର ମନ୍ତବ୍ୟରେ ବହୁ ଉପଦେଶ ପ୍ରଦାନ କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଅବ୍ୟବସ୍ଥା ମଧ୍ୟରେ କେନ୍ଦୁଝର ସହରର ଟ୍ରାଫିକ ବ୍ୟବସ୍ଥା ୨ ଦିନ ହେଲା ଜାଳୁନି ଟ୍ରାଫିକ ଲାଇଟ

କେନ୍ଦୁଝର :- ଦୁର୍ଘଟଣା ପ୍ରବଣ କେନ୍ଦୁଝର ସହର ର ଟ୍ରାଫିକ ବ୍ୟବସ୍ଥା ବ୍ୟପର୍ଯ୍ୟସ୍ତ ହୋଇ ପଡିଛି ୟ ଦୁଇ ଦିନ ହେଲା ଜାଳୁନି ଟ୍ରାଫିକ ଲାଇଟ ଓ ଟ୍ରାଫିକ ପୋଷ୍ଟ ରେ ନାହାନ୍ତି ଟ୍ରାଫିକ ପୋଲିସ ଯାହାଫଳ ରେ ଅମାନିଆ ମାନେ ଯିଏ ଯୁଆଡେ ପାରୁଛନ୍ତି ଯିବା ଆସିବା କରିବା ଫଳରେ ଦୁର୍ଘଟଣା ର ଆଶଙ୍କା ବଢ଼ି ଯାଇଛିୟ
ବିଶେଷ କରି ବ୍ୟସ୍ତ ବହୁଳ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରେ ଥିବା କେନ୍ଦୁଝର ଟ୍ରାଫିକ ରେୟ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ମୁଖ୍ୟଫାଟକ ର ନିର୍ମାଣ କାର୍ଯ୍ୟ ଚାଲୁ ଥିବା ବେଳେ ଅସ୍ଥାୟୀ ରାସ୍ତା ରେ ଯିବା ଆସିବା ହେଉଛି ତା ସହ ଟ୍ରାଫିକ ଲାଇଟ ନଜଳିବା ଓ ଟ୍ରାଫିକ ପୋଷ୍ଟ ରେ ପୋଲିସ ଛିଡା ନହେବା ଫଳରେ ଯିଏ ଯୁଆଡେ ପଳାଉଥିବାରୁ ଦୁର୍ଘଟଣା ବଢିବା ର ଆଶଙ୍କା ବୃଦ୍ଧି ପାଉ ଥିବାରୁ ଏହାର ତୁରନ୍ତ ସମାଧାନ ପାଇଁ ବୁଦ୍ଧିଯିବି ମହଲ ରେ ଦାବି ହେଉଛିୟ

## ଚିକିତ୍ସା ଖୋଜୁଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସି ଟି ସ୍କାନ ବିଭାଗ



କେନ୍ଦୁଝର,(ମହାଭାରତ): ଅନେକ ସମୟ ରେ ବିବାଦ ଘେରକୁ ଟାଣି ହୋଇ ଆସୁଛି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ। ୧୯୧୨ ରେ ନିର୍ମିତ ଏହି ଚିକିତ୍ସାଳୟ କେନ୍ଦୁଝର ଇତିହାସ ର ମୁକ ସାକ୍ଷୀ ହୋଇ ଅନେକ ଉଥାନ ପତନ ଦେଇ ଗତି କରି ଥିବା ବେଳେ ଏହି ଚିକିତ୍ସାଳୟ ଉପରେ କେନ୍ଦୁଝର ଜିଲା ଛଡା ପଡୋଶୀ ଜିଲା ମୟୁରଭଞ୍ଜ ର କରଞ୍ଜିଆ ଓ ଅନୁଗୁଳ ଜିଲା ର ପାଲହଡା ସୁନ୍ଦରଗଡ଼ ଜିଲ୍ଲା ର ବଣେଇ ଉପଖଣ୍ଡ ର ତଥା ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ର ଜୟନ୍ତୀ ଓ ଆଖପାଖ ଅଞ୍ଚଳ ର ରୋଗୀ ନିର୍ଭର କରୁଥିବା ବେଳେ ଅନେକ ସମୟ ରେ ପରିଚାଳନା ଗତ ତ୍ରୁଟି ପାଇଁ ଅନେକ ସମୟ ରେ ରୋଗୀ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଥିବା ଅନେକ ସମୟ ରେ ଦେଖିବା ପାଇଁ ମିଳିଥାଏ। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ସି ଟି ସ୍କାନ ବିଭାଗ ଏକ ପ୍ରକାର ସଙ୍କଟ ଦେଇ ଗତି କରୁଛି। କେତେବେଳେ ଡାକ୍ତର ଅଭାବ ତ କେତେବେଳେ ବିଦ୍ୟୁତ ସରବରାହ ରେ ବ୍ୟାଘାତ ନେଇ ଅନେକ ସମୟ ରେ ବିବାଦ ରେ ରହିଥିବାବେଳେ ପ୍ରତିଦିନ ବିଦ୍ୟୁତ ବିଭାଗ ଦ୍ୱାରା ରକ୍ଷଣ ବେକ୍ଷଣ ପାଇଁ ସକାଳ ୫ ଟା ରୁ ୧୦ ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହୁଥିବାରୁ ମୁଖ୍ୟ ଡାକ୍ତରଖାନାରେ ସିଟି ସ୍କାନ ଏକ ପ୍ରକାର ଅଚଳ ହୋଇ ପଡିଛି। ଏହି ସମୟ ରେ ପ୍ରାୟ ରୋଗୀଙ୍କ ଭିଡ଼ ରହୁଥିବା ବେଳେ ପ୍ରବଳ ଗରମ ସତ୍ୱେ ।ରୋଗୀ ପଡ଼ିରହିଥିବା ଦେଖିବା ପାଇଁ ମିଳିଛି । ଏପଟେ ଧରଣୀଧର ମେଡିକାଲ କଲେଜରୁ ରୋଗୀ ବୁହା ହୋଇ ଆସୁଛନ୍ତ। ଡିଜି ସେଟ ଏଠାରେ କେବେଠୁ ଖରାପ ଅଛି ହେଲେ କର୍ତୃପକ୍ଷ ଙ୍କ ନଜର ନାହିଁ, ଅତି କମ ରେ ଏହା ପାଇଁ ଏବେ ଦୁଇଟି ନୂଆ ଡିଜି ସେଟ ଦରକାର ଥିବା ବେଳେ ପ୍ରଶାସନର କେବେ ନଜର ପଡୁଛି ଦେଖିବା ପାଇଁ ବାକିରହିଲା। ତେବେ ମୁଖ୍ୟ ମନ୍ତ୍ରୀ ଙ୍କ ଜିଲାରେ ଏପରି ଅବ୍ୟବସ୍ଥା କୁ ନେଇ ବୁଦ୍ଧିଜୀବୀ ମହଲ ରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ସିଡିଏମଓଙ୍କୁ ପଚାରିବାରୁ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ ସର୍ଟଃ ବନ୍ଦ ରହିଥିବାରୁ ବିକଳ୍ପ ପ୍ୟା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ମାଲକାନଗିରିରେ ଉତ୍ସାହର ସହ ପାଳିତ ହେଲା ପୋଷଣ ପଖୱାଡା ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ




ମାଲକାନଗିରି(ମହାଭାରତ):ମାଲକାନଗିରି ପ୍ରକଳ୍ପ ସ୍ତରୀୟ ପୋଷଣ ପଖୱାଡା ଆଜି ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ମା ଓ ଶିଶୁଙ୍କ ମଧ୍ୟରେ ସୁସ୍ଥ ଖାଦ୍ୟାଭ୍ୟାସର ପ୍ରସାର, ପୋଷଣ ସଚେତନତା ସୃଷ୍ଟି କରିବା ଏବଂ ଅପୁଷ୍ଟି ନିବାରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ- ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସବ୍-ଡିଭିଜନ ପ୍ରୋଗ୍ରାମ ଅଫିସର, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଆସ୍ପିରେସନାଲ ଡିଷ୍ଟ୍ରିକ୍ଟ ପ୍ରୋଗ୍ରାମ ତରଫରୁ ରାଜାରାମ ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ମାଲକାନଗିରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରେଖା ଶୁଭା ସୁନ୍ଦରଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧୀନସ୍ଥ ସମସ୍ତ ମଣ୍ଡଳ ପରିଦର୍ଶିକା, ଅଙ୍ଗନବାଡି କର୍ମୀ ଓ କିଶୋରୀ ବାଳିକାମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ।ଏହି ଅବସରରେ ଅଙ୍ଗନବାଡି କର୍ମୀମାନେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ସଠିକ୍ ଖାଦ୍ୟପେୟ ଓ ପୋଷଣ ବିଷୟରେ ପରାମର୍ଶ ଦେଇଥିଲେୟ ଶିଶୁମାନଙ୍କ ପାଇଁ ସନ୍ତୁଳିତ ଆହାର, ବିଶେଷ କରି ସ୍ଥାନୀୟ ଖାଦ୍ୟ ପଦାର୍ଥ ଓ ମିଲେଟ୍ର ଉପକାରିତା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଯାଇଥିଲା। ପୋଷଣ ପଖୱାଡା ପାଳନ ଅବସରରେ ଏକ ବିଶାଳ ରାଲି, ପୋଷ୍ଟର ପ୍ରଦର୍ଶନୀ ଏବଂ ସୁସ୍ଥ ରନ୍ଧନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିସହିତ ସ୍ୱଚ୍ଛତା, ପରିଷ୍କାର ପରିବେଶ ଏବଂ ନିୟମିତ ହାତ ଧୋଇବା ଭଳି ସ୍ୱାସ୍ଥ୍ୟକର ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ମାଲକାନଗିରିରେ ପର୍ବତାରୋହୀ ସମୀରା ଖାନ୍ ଏଚପିଭି ଟୀକାକରଣ ଓ ମହିଳା ସଶକ୍ତିକରଣ ପାଇଁ ବାର୍ତ୍ତା



ମାଲକାନଗିରି,(ମହାଭାରତ):ଜିଲ୍ଲାର କିଶୋରୀ ବାଳିକା ଓ ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି ବିଶିଷ୍ଟ ପର୍ବତାରୋହୀ ତଥା ସମାଜସେବୀ ସମୀରା ଖାନ୍। ଆଜି ପୂର୍ବାହ୍ନରେ ସେ ମାଲକାନଗିରି ଜିଲ୍ଲାର ଚାଲାଣଗୁଡା ଓ ସିନ୍ଧ୍ରିମାଲ ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ବାଳିକାମାନଙ୍କୁ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ପର୍କରେ ଉଦ୍ବୋଧନ ଦେଇଥିଲେ। ବିଶେଷ କରି ସର୍ଭାଇକାଲ କ୍ୟାନ୍ସର ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇବା ପାଇଁ ଏଚପିଭି ଟୀକା ର ଆବଶ୍ୟକତା ଏବଂ ଲିଙ୍ଗ ଭିତ୍ତିକ ଭେଦଭାବ ଦୂର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ସେ ଯୋଗ ଦେଇଥିଲେ। ସମୀରା ଖାନ୍ ନିଜ ବକ୍ତବ୍ୟରେ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସମାଜର ପ୍ରକୃତ ସ୍ୱାସ୍ଥ୍ୟ ଯୋଦ୍ଧା ଭାବେ ବର୍ଣ୍ଣନା କରି ସେମାନଙ୍କ ନିଷ୍ଠାପର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ, ଯେମିତି ପାହାଡ଼ ଚଢ଼ିବା ପାଇଁ ସାହସ ଦରକାର, ନିଜ ଜୀବନକୁ ସୁରକ୍ଷିତ ରଖିବା ପାଇଁ ସେମିତି ସଚେତନତା ଜରୁରୀ। ଏଚପିଭି ଟୀକା ହେଉଛି ଆମ ଝିଅମାନଙ୍କ ପାଇଁ ଏକ ସୁରକ୍ଷା କବଚ, ଯାହା ସେମାନଙ୍କୁ ଭବିଷ୍ୟତରେ କର୍କଟ ରୋଗରୁ ରକ୍ଷା କରିବ। ଆମର ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ପ୍ରଚେଷ୍ଟା ଯୋଗୁଁ ହିଁ ଏହି ସୂଚନା ପ୍ରତିଟି ଘରେ ପହଞ୍ଚି ପାରୁଛି।

## ବିଶ୍ୱ ଧରିତ୍ରୀ ଦିବସରେ, ଧରିତ୍ରୀ ମାତାର ସୁରକ୍ଷା ପାଇଁ ସଂକଳ୍ପ

ଦଶପଲ୍ଲା,(ମହାଭାରତ): ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଜଳ, ଜମି, ଜଙ୍ଗଲ, ଜଳବାୟୁ,ଜୈବ ବିବିଧତା, ଜୀବ ଜଗତ,ମାଟି ମାଆ ଓ ପରିବେଶ ସୁରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଦ୍ୱାରା ଭୋଗାଡ଼ି ଗ୍ରାମ ପଞ୍ଚାୟତର ବୁଲୁଣ୍ଡା, କନ୍ଧ ଭୋଗବାଡ଼ି ଓ ତେଣ୍ଡାବାଡ଼ି ଗ୍ରାମ ପଞ୍ଚାୟତର ଗୁଣ୍ଡାପାଳୁ ଇତ୍ୟାଦି ଗ୍ରାମରେ ଗ୍ରାମ ଗୋଷ୍ଠୀଙ୍କୁ ନେଇ ଜନ ସଚେତନତା ଶିବିର ଅଧିକାର ମିତ୍ର ସରୋଜିନୀ ମଳିକ ଓ ଉର୍ମିଳା ଯାନୀଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ହୋଇଯାଇଛି।ଏ ଜନ ସଚେତନତା ଉତ୍ସବରେ ସ୍ଥାନୀୟ ୱାର୍ଡ ମେମ୍ବର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ଗ୍ରାମ ବାସୀ ଯୋଗଦାନ କରି ମାଟି ମାଆକୁ ପୂଜା ଅର୍ଚ୍ଚନା କରିବା ସହିତ ଧରିତ୍ରୀ ମାତାକୁ ପ୍ରଦୂଷଣ ମୁକ୍ତ କରିବା,ଜଳ ସଂରକ୍ଷଣ କରିବା, ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା କରିବା , ପ୍ଲାଷ୍ଟିକ ଓ ବିଷ ମୁକ୍ତ ଗ୍ରାମ ଗଠନ କରିବା ଓ ସୌର ଶକ୍ତି ବ୍ୟବହାର କରିବା ପାଇଁ ସଂକଳ୍ପ ନେଇଛନ୍ତି।

## ଆସିକା ବ୍ଲକରେ ଅଷ୍ଟମ ପୋଷଣ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ

ଆସିକା (ମହାଭାରତ) ଆସିକା ଶିଶୁମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଆସିକା ମିଶନ ଶକ୍ତି ସଭା ଗୃହ ଠାରେ ଆସିକା ଶିଶୁମଙ୍ଗଳ ଅଧିକାରୀ ଶାନ୍ତି କରସୁଧା ପଟ୍ଟନାୟକଙ୍କ ସଂଯୋଜନା ଓ ଆସିକା ବ୍ଲକ ପୋଷଣ ସଂଯୋଜକ ମନୋଜ କୁମାର ଜେନା ଏହି ପରିଚାଳନା ରେ ଏହି ପୋଷଣ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମକୁ ଆସିକା ଏବିଡ଼ିଓ ସୁଶାନ୍ତ କୁମାର ବେହେରା ଉଦଘାଟନ କରିଥିଲା ବେଳେ ଆସିକା ବ୍ଲକ ଜିପିଡିଓ ଉପସ୍ଥିତ ରହିଥିଲେ।ଏହି କାର୍ଯ୍ୟକ୍ରମ ରେ କିପରି ମହିଳା ଶିଶୁ ମାନଙ୍କୁ ସୁରକ୍ଷା ଦେବା ଓ ଉପଯୁକ୍ତ ପୋଷଣ ନିମନ୍ତେ ସଚେତନତା ସୃଷ୍ଟି କରାଯାଇଛି। ଶିଶୁ ମାନଙ୍କୁ ଉପଯୁକ୍ତ ପୋଷକତ୍ୱ ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ପୋଷଣ ପକ୍ଷ କାର୍ଯ୍ୟକ୍ରମ ଏକ ଅଭିନ ପକ୍ରିୟା ଅଟେ। ଆସିକାରେ ୧୧ଟି ସେକ୍ଟର ଅଙ୍ଗନବାଡି ସେ□ରର ସମସ୍ତ କର୍ମୀ ଓ ୱାର୍କର ଉପସ୍ଥିତ ରହିଥିଲେ।ଆଜିର ଏହି ଅବସରରେ ୭ ଜଣ ଗର୍ଭବତୀ ମହିଳାଙ୍କୁ ଗୋଦ ଭରେଇ,ସାତ ଜଣ ୩ ମାସର ଶିଶୁଙ୍କୁ ଅନ୍ନପ୍ରସନ୍ନ କାର୍ଯ୍ୟକ୍ରମ କରାଯାଇଥିଲା।

## ନିମ୍ନମାନର ରାସ୍ତା କାମର ଅଭିଯୋଗ : କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଞ୍ଚଳବାସୀ



ନୟାଗଡ, ( ମହାଭାରତ ) : ରଣପୁର କ୍ଷୁଦ୍ର ଜଳ ସେଚନ ବିଭାଗ ତରଫରୁ କରାଯାଇଥିବା ରାସ୍ତା କାର୍ଯ୍ୟରେ ପିଚୁ ପଡ଼ିବାର ମାସେ ନ ପୁରୁଣୁ ରାସ୍ତା ଉପରେ ଘାସ ଉଠିବା ସହ ଖଣ୍ଡ ଖଣ୍ଡ ହୋଇ ଉଠି ଯାଉଛି ପିଚୁ। କାମ ଟି ଏତେ ନିମ୍ନ ମାନର ହୋଇଛି ଯେ ହାତରେ ଘଷି ଦେଲେ ରାସ୍ତା ଉପରେ ପଡ଼ିଥିବା ପିଚୁ ରୁ ଉଠିଯାଉଛି ଗୋଡିୟ ଯାହାକୁ ନେଇ ଅଞ୍ଚଳ ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏଭଳି ନିମ୍ନ ମାନର ରାସ୍ତା କାମ ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ରଣପୁର ବ୍ଲକ ର ବନ୍ଧମୁଣ୍ଡା ପଞ୍ଚାୟତ ରେ। ରଣପୁର କ୍ଷୁଦ୍ର ଜଳ ସେଚନ ବିଭାଗ ଦ୍ୱାରା ନିର୍ମିତ ଭେଟବର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଠାରୁ ଭାୟା ସାନ ଚକୁଣ୍ଡା ଝର ଦେଇ ନାଥପୁର ପର୍ଯ୍ୟନ୍ତ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ୨ କିଲୋ ମିଟର ରାସ୍ତା ଏବେ ନିମ୍ନ ମାନର। ରାଜ୍ୟ ଓ କେନ୍ଦ୍ର ସରକାର ରାଜ୍ୟର ଉପାନ୍ତ ଅଞ୍ଚଳ ମାନଙ୍କରେ ଯାତାୟତର ସୁବିଧା ପାଇଁ ପକ୍କା ରାସ୍ତା ନିର୍ମାଣ କରୁଥିବାର କହୁଥିବା ବେଳେ ଏହି ରାସ୍ତା କାମ ଗୁଡିକ ରାଜ୍ୟର ନାମିଦାମୀ ଠିକାଦାର ମାନଙ୍କୁ ନିର୍ମାଣର ଦାୟିତ୍ୱ ଦେଇଛନ୍ତି। କିନ୍ତୁ ନିର୍ମାଣ ଦାୟିତ୍ୱ ରେ ଥିବା ଠିକା ସଂସ୍ଥା ଓ ଦାୟିତ୍ୱ ରେ ଥିବା ସରକାରୀ ବିଭାଗର ଅଧିକାରୀ ଙ୍କ ମଧ୍ୟରେ ପ୍ରିୟା ପ୍ରିତୀ ପୋଷଣ ଯୋଗୁଁ ରାସ୍ତା ଗୁଡିକ ନିମ୍ନ ମାନର ନିର୍ମାଣ ହେଉଥିବା ବେଳେ ସ୍ଥାୟିତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅଞ୍ଚଳ ବାସୀ ଙ୍କ ଦାବି ଅନୁଯାଇ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରି ପ୍ରାୟ ୨ କିଲୋ ମିଟର ପକ୍କା ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ରାସ୍ତା କାମଟି ଅତି ନିମ୍ନ ମାନର ହେଉଥିବା ଅଞ୍ଚଳ ବାସି ଅଭିଯୋଗ କରିଛନ୍ତି। ରାସ୍ତାରେ ପିଚୁ ପଡିଛି ସତ କିନ୍ତୁ ପିଚୁ ପଡ଼ିବାର ମାତ୍ର କେଇ ଦିନ ଭିତରେ ପିଚୁ ସବୁ ଆପେ ଆପେ ଉଠି ଯାଉଛି। ସେପଟେ ନିମ୍ନ ମାନର ରାସ୍ତା କାମ ପାଇଁ ଏହି ଅଞ୍ଚଳର ଜନସାଧାରଣ ଙ୍କ ମଧ୍ୟ ରେ ତିବ୍ର ଅସନ୍ତୋଷ ମଧ୍ୟ ଦେଖାଦେଇଛି। ଏହି ରାସ୍ତା କାମଟି ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଞ୍ଚଳ ବାସୀ ଦାବି କରିଛନ୍ତି। ତେବେ ଏହି ନିମ୍ନମାନର ରାସ୍ତା କାମ ଉପରେ ଏବେ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧି ଜିବୀ ଙ୍କ ମହଲରେ ଦାବି ହେଉଛି।

## ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ପାରମ୍ପରିକ ରୀତିନୀତି ସହ ଖୋଲିଲା ବାବା କେଦାରନାଥଙ୍କ କବାଟ

ଉତ୍ତରାଖଣ୍ଡ : ଖୋଲିଲା ବାବା କେଦାରନାଥଙ୍କ ମନ୍ଦିର । ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ପାରମ୍ପରିକ ରୀତିନୀତି ଅନୁଯାୟୀ ମନ୍ଦିରର ଦ୍ୱାର ଖୋଲିଲା । ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ପାରମ୍ପରିକ ରୀତିନୀତି କେଦାରନାଥଙ୍କୁ ଦର୍ଶନ କରିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି । ସାରା ଭାରତରୁ ପହଞ୍ଚିଛନ୍ତି ବାବାଙ୍କ ଭକ୍ତ । ଭକ୍ତମାନଙ୍କ ମଧ୍ୟରେ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳିଛି । ଗତବର୍ଷ ଅକ୍ଟୋବର ୨୩ରୁ ବନ୍ଦ ଥିଲା ମନ୍ଦିର । କେଦାରନାଥ ବାବାଙ୍କ ପୂଜାର୍ଚ୍ଚନା ପାଇଁ ପହଞ୍ଚିଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି । କମିଟି ପକ୍ଷରୁ ମନ୍ଦିରକୁ ସୁସଜ୍ଜିତ କରାଯାଇଛି । ଟନ୍ ଟନ୍ ଫୁଲରେ ସଜେଇ ହୋଇଛି ମନ୍ଦିର । ମନ୍ଦିର ଉପରେ ହେଲିକପ୍ଟରରୁ ଫୁଲ ବର୍ଷା କରାଯାଇଛି । ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ତେବେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶ୍ରଦ୍ଧାଳୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଉତ୍ତରାଖଣ୍ଡ ରାଜ୍ୟପାଳ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି । ମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ନେବା ସମ୍ପୂର୍ଣ୍ଣ ମନା । ଶ୍ରଦ୍ଧାଳୁମାନଙ୍କୁ ସେମାନଙ୍କ ଫୋନ୍ ବାହାରେ ଥିବା କାଉଣ୍ଟରରେ ଜମା କରିବାକୁ ପଡ଼ିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି । ମନ୍ଦିର ପରିସର ମଧ୍ୟରେ ଫଟୋ ଉଠାଇବା, ଭିଡିଓ କରିବା କିମ୍ବା ରିଲ୍ସ ବନାଇବା ଉପରେ ନିଷେଧାଦେଶ ଜାରି କରାଯାଇଛି । ମନ୍ଦିରର ପବିତ୍ରତା ବଜାୟ ରଖିବା ଏବଂ ଭକ୍ତମାନଙ୍କୁ ଶାନ୍ତିର ସହ ଦର୍ଶନ ସୁଯୋଗ ଦେବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଆସନ୍ତାକାଲିଠୁ ଶ୍ରଦ୍ଧାଳୁମାନେ ବଦ୍ରିନାଥ ଧାମ ଓ ହେମକୁଣ୍ଡ ସାହିବ ଦର୍ଶନ କରିପାରିବେ ।

## ଦିଲ୍ଲୀରେ ଆଇଆରଏସ ଅଧିକାରୀଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା, ମୋବାଇଲ ଚାର୍ଜରରେ କାଟିଦେଲେ ଗଳା

ନୂଆଦିଲ୍ଲୀ : ଦିଲ୍ଲୀର ଅମର କଲୋନି ଅଞ୍ଚଳରେ ଜଣେ ଯୁବତୀଙ୍କ ବଳାତ୍କାର ଏବଂ ପରେ ହତ୍ୟା ସହିତ ଜଡିତ ଏକ ମାମଲା ସାମ୍ନାକୁ ଆସିଛି । ମୃତକ ଜଣକ ଜଣେ ଆଇଆରଏସ ଅଧିକାରୀଙ୍କ ଝିଅ ଥିଲେ। ତାଙ୍କ ବୟସ ପ୍ରାୟ ୨୧ ବର୍ଷ ଥିଲା। ପ୍ରାଥମିକ ପୋଲିସ ତଦନ୍ତରୁ ଜଣାପଡିଛି ଯେ ଯୁବତୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିଲା। ପୋଲିସ ସନ୍ଦେହ କରୁଛି ଯେ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି । ତଥାପି ପୋଷ୍ଟମର୍ଟମ ରିପୋର୍ଟ ଏପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ । ମୃତ ମହିଳାଙ୍କ ବାପା ୧୯୯୭ ବ୍ୟାଚର ଆଇଆରଏସ (କଷ୍ଟମ୍ସ) ଅଧିକାରୀ। ଯୁବତୀ ଜଣକ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିଲେ ଏବଂ ବର୍ତ୍ତମାନ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଘଟଣାଟି ଘଟିଥିଲା ଯେତେବେଳେ ତାଙ୍କ ମାଆବାପା ସକାଳେ ଜିମ୍ ଯାଇଥିଲେ, ତାଙ୍କ ଝିଅକୁ ଘରେ ଏକା ଛାଡି ଦେଇଥିଲେ। ଯେଉଁ ସ୍ଥାନରେ ଅପରାଧ ଘଟିଥିଲା ତାହା ଏକ ଅତ୍ୟନ୍ତ ଉଚ୍ଚସ୍ତରୀୟ ଅଞ୍ଚଳ। ତେଣୁ ଏହା କିପରି ସମ୍ଭବ ହୋଇପାରିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରିପୋର୍ଟ ଅନୁଯାୟୀ, ଝିଅଟିକୁ ମୋବାଇଲ୍ ଫୋନ୍ ଚାର୍ଜର କେବୁଲ ବ୍ୟବହାର କରି ଗଳାକାଟି ହତ୍ୟା କରାଯାଇଥିଲା। ପୋଲିସ ସନ୍ଦେହ କରୁଛି ଯେ ବାସଭବନରେ ପୂର୍ବତନ ଘରୋଇ ସହାୟକ ରାହୁଲ ଏହି ଅପରାଧ କରିଛନ୍ତି। ସେ ରାଜସ୍ଥାନର ବାସିନ୍ଦା। ରାହୁଲ ଆଠ ମାସ ଧରି ଘରେ ଚାକିରି କରୁଥିଲେ କିନ୍ତୁ ଦେଢ଼ ମାସ ପୂର୍ବରୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ତାଙ୍କୁ ବହିଷ୍କାର କରିବାର କାରଣ ଥିଲା ଯେ ସେ ନିକଟବର୍ତ୍ତୀ ଦୋକାନରୁ କିଣାଯାଇଥିବା ଘରୋଇ ସାମଗ୍ରୀ ସହିତ ଜଡିତ ପାଣ୍ଠିର ଅପବ୍ୟବହାର କରୁଥିଲେ। ତେବେ ପୋଲିସ ପ୍ରକୃତ କାରଣ ଖୋଜିବା ପାଇଁ ତଦନ୍ତ ଆରମ୍ଭ କରିଛି

## ପାକିସ୍ତାନ ଖେଳୁଛି 'ଡବଲ୍ ଗେମ୍': ଇରାନ ସରକାରୀ ଗଣମାଧ୍ୟମ ମୁନିରଙ୍କୁ କଲା କଡ଼ା ସମାଲୋଚନା, କହିଲା ସାଜିଛନ୍ତି 'ଆମେରିକୀୟ ପୋଷ୍ଟମ୍ୟାନ୍'

ତେହେରାନ: ଇରାନ ପାକିସ୍ତାନର ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ ଜଣେ ଆମେରିକୀୟ ଏଜେଣ୍ଟ ବୋଲି ବର୍ଣ୍ଣନା କରିଛି। ପ୍ରଥମ ଥର ପାଇଁ ଯେ ଇରାନର ସରକାରୀ ଗଣମାଧ୍ୟମ ମଧ୍ୟସ୍ଥି ସାଜିଥିବା ପାକିସ୍ତାନର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଇରାନର ସରକାରୀ ଗଣମାଧ୍ୟମ ଦାବି କରିଛି, ପାକିସ୍ତାନ 'ଡବଲ୍ ଗେମ୍' ଖେଳୁଛି, ନିଜକୁ ନିରପେକ୍ଷ ବୋଲି ଦେଖାଇ ହେଉଥିବାବେଳେ ପ୍ରକୃତରେ ଆମେରିକା ଆଡକୁ ଢଳୁଛି। ମୁନିର ଇରାନ ନେତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖିବାର ଅଭିନୟ କରୁଛନ୍ତି କିନ୍ତୁ ପ୍ରକୃତରେ ଆମେରିକା ପାଇଁ କାମ କରୁଛନ୍ତି। ଇରାନର ସରକାରୀ ଗଣମାଧ୍ୟମ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ନେଇ ଲାଗି ରହିଥିବା ଅନିଶ୍ଚିତତା ପାଇଁ ମୁନିରଙ୍କୁ କଡ଼ା ସମାଲୋଚନା କରିଛି । ଇରାନ ପ୍ରତିନିଧିମାନେ ଇସଲାମାବାଦ ଆସିବାକୁ ସ୍ପଷ୍ଟ ମନା କରିଦେଇଥିଲେ। ଏନେଇ ଗତ ସପ୍ତାହରେ ମୁନିର ତେହେରାନ ଗସ୍ତ କରିଥିଲେ। ଇରାନର ସରକାରୀ ଚ୍ୟାନେଲରେ ଇରାନ ବିଶ୍ଲେଷକମାନେ କହିଛନ୍ତି ଯେ, ଜେନେରାଲ ମୁନିର ତେହେରାନ ଗସ୍ତ କରିଥିଲେ ଏବଂ ତାଙ୍କୁ ବ୍ୟକ୍ତିଗତ ଭାବରେ ଆମେରିକାକୁ ଇରାନର ଆନୁଷ୍ଠାନିକ ଡ୍ରାଫ୍ଟ ପ୍ରଦାନ କରିବାର ଦାୟିତ୍ୱ ଦିଆଯାଇଥିଲା, କିନ୍ତୁ ତାଙ୍କ ପକ୍ଷରୁ ଏନେଇ କୌଣସି ପରବର୍ତ୍ତୀ ପ୍ରତିକ୍ରିୟା ମିଳିନାହିଁ। ଯେତେବେଳେ ପାକିସ୍ତାନ ଏବଂ ଅସୀମ ମୁନିରଙ୍କ ଉଦ୍ଦେଶ୍ୟ ବିଷୟରେ ପୂର୍ବରୁ ପ୍ରଶ୍ନ ଉଠାଯାଉଥିଲା, ନିରପେକ୍ଷ ବିଶ୍ଲେଷକମାନେ ଅନୁମାନ କରୁଥିଲେ ଯେ ଇରାନକୁ ପ୍ରତାରଣା କରାଯାଉଛି। ମାତ୍ର ସେତେବେଳେ ମଧ୍ୟ ଇରାନୀ ଅଧିକାରୀମାନେ ପାକିସ୍ତାନକୁ ପ୍ରଶଂସା କରୁଥିଲେ। କିନ୍ତୁ ଏବେ ବୋଧହୁଏ ତେହେରାନର ଆଖି ଖୋଲିଯାଇଛି। ଇରାନୀ ଗଣମାଧ୍ୟମ ଅଭିଯୋଗ କରିଛି, ପାକିସ୍ତାନ ଇରାନର ୧୦-ସୂତ୍ର ଢାଞ୍ଚାକୁ ଅଣଦେଖା କରିଛି। ଯାହାକୁ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରହଣ କରିଥିଲେ। ଏହା ବଦଳରେ ମୁନିର ଆକ୍ରମଣାତ୍ମକ ଭାବରେ ଆମେରିକାର ୧୫ ରୁ ୧୬ ନୂତନ ଦାବିକୁ ଆଗକୁ ବଢ଼ାଉଛନ୍ତି। ଇରାନୀ ବିଶ୍ଲେଷକମାନେ ଦେଶର ଜାତୀୟ ଟିଭିରେ କହିଛନ୍ତି ଯେ ପାକିସ୍ତାନ ଆମେରିକାର ପ୍ରାଥମିକତା ଏବଂ ସର୍ତ୍ତଗୁଡ଼ିକୁ ଆଗକୁ ବଢ଼ାଉଛି ଏବଂ ଏକ ନିରପେକ୍ଷ ମଧ୍ୟସ୍ଥତା ଭାବରେ କାର୍ଯ୍ୟ କରୁନାହିଁ, ବରଂ କୂଟନୀତିର ଆଢୁଆଳରେ ଆଞ୍ଚଳିକ ପ୍ରଭାବକୁ ଦୁର୍ବଳ କରିବା ପାଇଁ କାମ କରୁଛି। ତୁର୍କୀ ଏବଂ ସାଉଦି ଆରବ ଇରାନକୁ ଦୁର୍ବଳ ଦେଖିବାକୁ ଚାହାଁନ୍ତି, ଏବଂ ସାଉଦି ଆରବ ଇରାନ ଉପରେ ଆକ୍ରମଣ କରିବା ପାଇଁ ଟ୍ରମ୍ପଙ୍କ ଉପରେ ଯଥେଷ୍ଟ ଚାପ ମଧ୍ୟ ପକାଇଥିଲା। ଅସୀମ ମୁନିର ତେହେରାନ ଗସ୍ତ କରିଥିବା ଦିନ, ପ୍ରେସ୍ ଟିଭି ରିପୋର୍ଟ କରିଥିଲା, ମୁନିର ଆମେରିକାର ବାର୍ତ୍ତା ଦେବା ପାଇଁ ପୋଷ୍ଟମ୍ୟାନ୍ ହୋଇ ତେହେରାନ ଆସିଥିଲେ। ଇରାନୀ ଗଣମାଧ୍ୟମ କହିଛି ଯେ ପାକିସ୍ତାନୀ ସେନାର ଗଣମାଧ୍ୟମ ଇଣ୍ଟର ସର୍ଭିସ୍ ପବ୍ଲିକ ରିଲେସନ୍ସ(ଆଇଏସ୍‌ପିଆର୍) ମଧ୍ୟ ଇରାନ ବିରୋଧରେ ଏକ ଭ୍ରାମକ ସୂଚନା ଅଭିଯାନ ଚଳାଇ ପରିସ୍ଥିତିକୁ ନିଜ ସପକ୍ଷରେ କରିବାକୁ ଚେଷ୍ଟା କରୁଛି। ଇରାନୀ ବିଶ୍ଲେଷକମାନେ ପାକିସ୍ତାନର ସାର୍ବଜନୀନ ବାର୍ତ୍ତାଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି, ଯେଉଁଥିରେ ଆସନ୍ନ ଆଲୋଚନାର ପ୍ରତିଛବି ପ୍ରଦର୍ଶିତ କରିବା ପାଇଁ ଅଲ ଜାଜିରା ରିପୋର୍ଟର ବ୍ୟବହାର କରାଯାଇଛି। ପାକିସ୍ତାନ ଇସଲାମାବାଦ ଆଲୋଚନାରେ ଇରାନ ଯୋଗ ନ ଦେଇଥିବାରୁ ଏପରି କିଛି ଉପସ୍ଥାପନ କରିଥିଲା ଯେପରି ତେହେରାନ ଏକ ଅପରାଧ କରିଛି। ଜାଣିଶୁଣି ଇରାନକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲା ଏବଂ ଇରାନ ବିଷୟରେ ଏକ ମିଥ୍ୟା ଧାରଣା ସୃଷ୍ଟି କରିବା ପାଇଁ ଘଟୁଥିବା ଘଟଣାଗୁଡ଼ିକୁ ଅତିରଞ୍ଜିତ କରିଥିଲା। ପାକିସ୍ତାନ ଇରାନକୁ ବଦନାମ କରିବା ପାଇଁ ନକଲି ରିପୋର୍ଟ ଉପସ୍ଥାପନ କରି ଏକ ମିଥ୍ୟା କୂଟନୈତିକ ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିଥିବା ଇରାନ ଗଣମାଧ୍ୟମ ଅଭିଯୋଗ କରିଛି।

# ଲାଲ ଗ୍ରହରେ ଜୀବନ ନେଇ ନୂଆ ବିତର୍କ ଆରମ୍ଭ, ବୈଜ୍ଞାନିକ କହିଲେ ପେରିଡୋଲିଆ ଯୋଗୁ ଏଭଳି ଭ୍ରମ



ୱାସିଂଟନ: ମଙ୍ଗଳ ଗ୍ରହରେ ଜୀବନର ସମ୍ଭାବନାକୁ ନେଇ ସାରା ବିଶ୍ୱରେ ପୁଣି ଥରେ ଏକ ଉଷ୍ମ ବିତର୍କ ଆରମ୍ଭ ହୋଇଛି। ନାସାର ରୋଭର ଦ୍ୱାରା ପଠାଯାଇଥିବା ସାମ୍ପ୍ରତିକ ଚିତ୍ରଗୁଡ଼ିକ କିଛି କୀଟପତଙ୍ଗ ଏବଂ ଝିଟିପିଟି ପରି ପ୍ରାଣୀଙ୍କ ଆକୃତିକୁ ପ୍ରକାଶ କରିଛି। ଏହି ରହସ୍ୟମୟ ଚିତ୍ରଗୁଡ଼ିକ ବୈଜ୍ଞାନିକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଯଥେଷ୍ଟ କୌତୁହଳ ସୃଷ୍ଟି କରିଛି। ତଥାପି, ଅନେକ ବିଶେଷଜ୍ଞମାନଙ୍କ ଅନୁସାରେ ଏଗୁଡ଼ିକ କେବଳ ପବନ ଏବଂ ଧୂଳି ଦ୍ୱାରା ଗଠିତ ପଥର, ଜୀବନ୍ତ ପ୍ରାଣୀ ନୁହେଁ। ନାସାର ମଙ୍ଗଳ ଯାନ ରୋଭର ଦ୍ୱାରା ଉଠାଯାଇଥିବା ଏହି ଚିତ୍ରଗୁଡ଼ିକ ସାରା ବିଶ୍ୱର ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ହାଇ-ରିଜୋଲ୍ୟୁସନ୍ ଚିତ୍ରଗୁଡ଼ିକ ଉଡ଼ନ୍ତା କୀଟପତଙ୍ଗ ଭଳି କିଛି ବସ୍ତୁ ପ୍ରକାଶ କରୁଛି। ଏହା ଲାଲ ଗ୍ରହରେ କେବେ ଜୀବନ ଥିଲା କି ନାହିଁ, କିମ୍ବା ଆଜି ମଧ୍ୟ ଅଛି କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଇଛି। କୀଟତତ୍ତ୍ୱବିତ୍ ୱିଲିୟମ୍ ରୋମୋସର୍ ଏହି ସାର୍ବଜନୀନ ଭାବରେ ଉପଲବ୍ଧ ଫଟୋଗ୍ରାଫ୍‌ଗୁଡ଼ିକୁ ବିସ୍ତୃତ ଭାବରେ ଅଧ୍ୟୟନ କରିଛନ୍ତି। ସେ ଦାବି କରିଛନ୍ତି ଯେ, ଏଥିରେ ସ୍ପଷ୍ଟ ଭାବରେ ଡେଣା ଏବଂ ଗୋଡ଼ ଥିବା କୀଟପତଙ୍ଗ ପରି ପ୍ରାଣୀ ଦେଖାଯାଉଛି। ସେ ଆମେରିକାର କୀଟତତ୍ତ୍ୱ ସମାଜର ଏକ ପ୍ରମୁଖ ବୈଠକରେ ତାଙ୍କର ଗବେଷଣା ଉପସ୍ଥାପନ କରିଛନ୍ତି। ରୋମୋସରଙ୍କ ଦାବି ସତ୍ତ୍ୱେ ବହୁ ବୈଜ୍ଞାନିକ ଏହାକୁ ଅବିଶ୍ୱାସ କରିଛନ୍ତି। ଅଧିକାଂଶ ବୈଜ୍ଞାନିକ କହିଛନ୍ତି, ଏହା କେବଳ ମଣିଷ ମନର ଏକ ମନସ୍ତାତ୍ତ୍ୱିକ ଭ୍ରମ ଯାହାକୁ ପେରିଡୋଲିଆ କୁହାଯାଏ। ଏହି ଭ୍ରମ ଯୋଗୁ ପ୍ରାୟତଃ ଲୋକଙ୍କୁ ମେଘ କିମ୍ବା ପଥର ଆଦିରେ ପରିଚିତ ଚେହେରା ଦେଖାଯାଇଥାଏ। ବିଶେଷଜ୍ଞମାନେ କୁହନ୍ତି ଯେ ମଙ୍ଗଳ ହେଉଛି ଆମ ସୌରମଣ୍ଡଳର ସବୁଠାରୁ ଅଧିକ ଅଧ୍ୟୟନ କରାଯାଇଥିବା ଗ୍ରହ। ଏହି ପ୍ରକାରର ଢାଞ୍ଚାଗୁଡ଼ିକ ପ୍ରକୃତରେ ଲକ୍ଷ ଲକ୍ଷ ବର୍ଷ ଧରି ପ୍ରବଳ ପବନ ଏବଂ ଧୂଳି ଉଡ଼ିବାର ଫଳାଫଳ। ଏହି ନିରନ୍ତର କ୍ଷୟ ମଙ୍ଗଳ ପଥରଗୁଡ଼ିକୁ ଏହି ଅଦ୍ଭୁତ ଆକାରରେ ପରିଣତ କରିଛି। ଏପର୍ଯ୍ୟନ୍ତ ମଙ୍ଗଳ ଗ୍ରହରେ କୌଣସି ଜଟିଳ ଜୀବନର ଅସ୍ତିତ୍ୱର କୌଣସି ଠୋସ୍ ପ୍ରମାଣ ମିଳିନାହିଁ। ତଥାପି, ଗବେଷକମାନେ ନୂତନ ଆବିଷ୍କାରଗୁଡ଼ିକୁ ଉନ୍ମୋଚନ କରିବା ପାଇଁ ଏହି ନୂତନ ଚିତ୍ରଗୁଡ଼ିକୁ ନିରନ୍ତର ବିଶ୍ଳେଷଣ କରୁଛନ୍ତି। କେବଳ ଭବିଷ୍ୟତର ବୈଜ୍ଞାନିକ ମିଶନଗୁଡ଼ିକ ମଙ୍ଗଳ ଗ୍ରହରେ ଜୀବନ ବିଷୟରେ ସମ୍ପୂର୍ଣ୍ଣ ସତ୍ୟ ପ୍ରକାଶ କରିବ। ନାସାର କ୍ୟୁରିଓସିଟି ରୋଭର ବହୁ ବର୍ଷ ଧରି ମଙ୍ଗଳ ଗ୍ରହର ପୃଷ୍ଠକୁ ନିକଟରୁ ପରୀକ୍ଷା କରିଆସୁଛି । ଏହା ଗ୍ରହକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା ପାଇଁ ନିରନ୍ତର ନୂତନ ଚିତ୍ର ଏବଂ ତଥ୍ୟ ପୃଥିବୀକୁ ପଠାଇଥାଏ। ରୋଭର ଯୋଗୁଁ ମଙ୍ଗଳ ଗ୍ରହର ଜଳବାୟୁ ଏବଂ ଏହାର ପଥର ବିଷୟରେ ବହୁ କିଛି ଜଣାପଡ଼ିଛି। ଗ୍ରହ ବିଜ୍ଞାନ କ୍ଷେତ୍ରରେ, ପେରିଡୋଲିଆର ମନସ୍ତାତ୍ତ୍ୱିକ ଧାରଣା ବୈଜ୍ଞାନିକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଛି। ଅନ୍ୟ ଗ୍ରହର ପୃଷ୍ଠ ଅଧ୍ୟୟନ କରିବା ସମୟରେ, ବୈଜ୍ଞାନିକମାନଙ୍କୁ ଅତ୍ୟନ୍ତ ସତର୍କତା ଏବଂ ଯତ୍ନର ସହ କରିବାକୁ କୁହାଯାଇଛି। ସେମାନଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ, ସେମାନେ ଯେପରି ସାଧାରଣ ପଥରକୁ ଏକ ଜୀବନ୍ତ ପ୍ରାଣୀ ଭାବି ଭୁଲ୍ କରିବେ ନାହିଁ।

## ସ୍କୁଲ ବସକୁ ଟ୍ରକ ଧକ୍କା, ୧୦ ଆହତ

ରାଜସ୍ଥାନ : ରାଜସ୍ଥାନ ବାଡମେରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାୟତୁରେ ଏକ ଘରୋଇ ସ୍କୁଲ ବସ୍ କୁ ପଛରୁ ଏକ ଟ୍ରକ ଧକ୍କା ଦେଇଥିଲା । ଦୁର୍ଘଟଣା ସମୟରେ ବସ୍ ରାସ୍ତା କଡ଼ରେ ପିଲାଙ୍କୁ ନେବା ପାଇଁ ଠିଆ ହୋଇଥିଲା । ହଠାତ୍ ଧକ୍କା ହେବା ଫଳରେ ବସରେ ଥିବା ପିଲାମାନେ ଚିତ୍କାର କରିଥିଲେ । ଘଟଣାରେ ୧୦ ଜଣ ପିଲା ଆହତ ହୋଇଛନ୍ତି । ଏହାପରେ ଘଟଣା ସ୍ଥଳରେ କୋଳାହଳ ଶୁଭିଥିଲା । ଖବର ମୁତାବକ, ବାୟତୁ-ଜୋଧପୁର ଛକ ନିକଟରେ ସ୍କୁଲ ବସ୍ ପିଲାମାନଙ୍କୁ ନେବାକୁ ଠିଆ ହୋଇଥିଲା । ଠିକ୍ ଏହି ସମୟରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ଫଳରେ ବସରେ ଥିବା ପିଲାଙ୍କ ମଧ୍ୟରୁ ୧୦ ଜଣ ପିଲା ଆହତ ହୋଇଥିଲେ । ସ୍ଥାନୀୟ ଲୋକ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଆହତଙ୍କୁ ହସପିଟାଲରେ ପଠାଇଥିଲେ । ହସପିଟାଲରେ ଡାକ୍ତର ଟିମ୍ ପିଲାଙ୍କ ପ୍ରାଥମିକ ଚିକିତ୍ସା ଆରମ୍ଭ କରିଥିଲେ । ଦୁର୍ଘଟଣା ବିଷୟରେ ଖବର ପାଇବା ପରେ ପରିବାର ଲୋକ ଏବଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପିଲାଙ୍କୁ ହସପିଟାଲରେ ନେଇଥିଲେ । ଅଭିଭାବକଙ୍କ ପକ୍ଷରୁ ପ୍ରଶାସନକୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି ।

## ଅସ୍ତ୍ରବିରତି ସମୟ ସୀମା ବୃଦ୍ଧି କଲେ ଟ୍ରମ୍ପ: ନା ନା କହି ଶେଷରେ ଶାହବାଜ-ମୁନିର ବାଧ କରିବାରୁ ହେଲେ ରାଜି

ୱାସିଂଟନ:ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଏବଂ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଅବଧି ଶେଷ ହେବା ପୂର୍ବରୁ ଏହାକୁ ବୃଦ୍ଧି କରିଛନ୍ତି। ସେ ବୁଧବାର ସକାଳେ ଘୋଷଣା କରିଛନ୍ତି ଯେ, ଇରାନ ପକ୍ଷରୁ ଏକ ପ୍ରସ୍ତାବ ଉପସ୍ଥାପନ ନ କରିବା ପର୍ଯ୍ୟନ୍ତ ସେ ଏହି ଯୁଦ୍ଧବିରତିକୁ ବୃଦ୍ଧି କରୁଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ଅପିଲ ଉପରେ ବିଚାର କରି ଏହି ନିଷ୍ପତ୍ତି ନିଆଯାଇଛି। ଶାହବାଜ ଏବଂ ମୁନିର ତେହେରାନ ନେତୃତ୍ୱ ଏକ ପ୍ରସ୍ତାବ ଉପସ୍ଥାପନ ନ କରିବା ପର୍ଯ୍ୟନ୍ତ ଇରାନ ଉପରେ ଆକ୍ରମଣ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଟ୍ରମ୍ପ ଇରାନକୁ ନିରନ୍ତର ଧମକ ଦେଇ ଆସୁଛନ୍ତି। ସେ କହିଥିଲେ ଯେ ଯଦି କୌଣସି ସମାଧାନ ବିନା ଯୁଦ୍ଧବିରତି ଶେଷ ହୁଏ, ତେବେ ସେ ଇରାନ ଉପରେ ବୋମା ପକାଇବାକୁ ପ୍ରସ୍ତୁତ ଅଛନ୍ତି। ଉଭୟ ଦେଶର ନେତାଙ୍କ ମଧ୍ୟରେ ବାକ ଯୁଦ୍ଧ ସୂଚାଇ ଦେଉଥିଲା ଯେ ଅସ୍ତ୍ରବିରତି ଆଗକୁ ବଢ଼ିବ ନାହିଁ ଏବଂ ମଧ୍ୟପ୍ରାଚ୍ୟ ଖୁବ୍ ଶୀଘ୍ର ବିନାଶ ଭିତରକୁ ଠେଲି ହୋଇଯିବ। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ପ୍ରଶ୍ନ ଉଠୁଛି: ଟ୍ରମ୍ପଙ୍କୁ ତାଙ୍କ ମନ ପରିବର୍ତ୍ତନ କରିବାକୁ କାହିଁକି ବାଧ କରାଯାଇଥିଲା ? ଆମେରିକା



ରାଷ୍ଟ୍ରପତି କ'ଣ ପାଇଁ ସେ ଅସ୍ତ୍ରବିରତି ବୃଦ୍ଧି କରିବାକୁ ଚାହିଁଲେ ତାହା ସ୍ପଷ୍ଟ କରି ନାହାନ୍ତି। ସେ ତାଙ୍କ ଟ୍ରୁଥ୍ ସୋସିଆଲ ପୋଷ୍ଟରେ ଦୁଇଟି କାରଣ ଉଲ୍ଲେଖ କରିଛନ୍ତି, ପ୍ରଥମ କାରଣ ଇରାନର ବିଭାଜନ। ଦ୍ୱିତୀୟ କାରଣ ମୁନିର ଏବଂ ସରିଫ ଅପିଲ୍ କରିଥିଲେ ଯେ, ତେହେରାନକୁ ଏକ ପ୍ରସ୍ତାବ ଉପସ୍ଥାପନ କରିବାକୁ ଅନୁମତି ଦେବା ଏବଂ ସେପର୍ଯ୍ୟନ୍ତ ଆକ୍ରମଣ ବନ୍ଦ କରାଯିବା ଉଚିତ। ଟ୍ରମ୍ପଙ୍କ ଘୋଷଣା ପରେ, ଶାହବାଜ ସରିଫ ପାକିସ୍ତାନର ଅନୁରୋଧକୁ ଗ୍ରହଣ କରିଥିବାରୁ ଆମେରିକୀୟ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇ ଜାରି ରହିଥିବା କୂଟନୈତିକ ପ୍ରୟାସକୁ ଆଗକୁ ବଢ଼ାଇବ ପାଇଁ ଅସ୍ତ୍ରବିରତି ଅବଧି ବୃଦ୍ଧି କରିବା ଜରୁରୀ। ସରିଫ କହିଛନ୍ତି, ପାକିସ୍ତାନ ଉପରେ କରାଯାଇଥିବା ଭରସା ଏବଂ ବିଶ୍ୱାସ ଯୋଗୁଁ ଆମେ ବିବାଦର ଆଲୋଚନାମୂଳକ ସମାଧାନ ପାଇଁ ଆନ୍ତରିକ ପ୍ରୟାସ ଜାରି ରଖିବୁ। ସେ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିଛନ୍ତି ଯେ ପାକିସ୍ତାନରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ସ୍ଥିର କରାଯାଇଛି। ତେବେ ଏନେଇ ସେ କୌଣସି ତାରିଖ ନିର୍ଦ୍ଦିଷ୍ଟ ଭାବେ କହିନାହାନ୍ତି। ତେବେ ଇରାନର ସଂସଦର ବାଚସ୍ପତି ଏବଂ ଶୀର୍ଷ ଆଲୋଚନାକାରୀ ମହମ୍ମଦ ବାକର ଗାଲିବାଫଙ୍କ ଜଣେ ପରାମର୍ଶଦାତା ଟ୍ରମ୍ପଙ୍କ ଅସ୍ତ୍ରବିରତି ବୃଦ୍ଧି ଘୋଷଣାକୁ ଖଣ୍ଡନ କରି କହିଛନ୍ତି ଯେ ଏହା କେବଳ ଅତର୍କିତ ଆକ୍ରମଣ ଆରମ୍ଭ କରିବାର ଏକ ଚାଲ୍। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁଯାୟୀ, ପରାମର୍ଶଦାତା ଆମେରିକାର ଇରାନ ବନ୍ଦରଗୁଡିକ ଉପରେ ଲଗାତାର ଅବରୋଧର ଜବାବରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଆହ୍ୱାନ କରିଛନ୍ତି।

## ପହଲଗାମ ଗଣହତ୍ୟାକୁ ବର୍ଷେ, ଧର୍ମ ପଚାରି ଗୁଳି ମାରିଥିଲେ ଆତଙ୍କବାଦୀ

ନୂଆଦିଲ୍ଲୀ: ପହଲଗାମ ଗଣହତ୍ୟାକୁ ବର୍ଷେ । ଠିକ୍ ବର୍ଷ ତଳେ ଏପ୍ରିଲ ୨୨ରେ, କଶ୍ମୀରର ବୈସରନ୍ ଉପତ୍ୟକାରେ ୨୬ ପର୍ଯ୍ୟଟକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ ଆତଙ୍କବାଦୀ । ଧର୍ମ ପଚାରି ଗୁଳି ମାରିଥିଲେ । ଯେଉଁଥିରେ ଅଧିକାଂଶ ଥିଲେ ହିନ୍ଦୁ ପର୍ଯ୍ୟଟକ । ଘଟଣାକୁ ବର୍ଷେ ବିତିଲାଣି, କିନ୍ତୁ ସେହି ୨୬ଟି ପରିବାର ପାଇଁ ସମୟ ସେହି ପହଲଗାମରେ ଅଟକି ଯାଇଛି । ପହଲଗାମ ଆକ୍ରମଣ ଘଟଣାର ପ୍ରଥମ ବାର୍ଷିକୀକୁ ଦୃଷ୍ଟିରେ ରଖି ସେ ଅଂଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି । ୨୨ ଏପ୍ରିଲ ୨୦୨୫ । ପେହଲଗାମର ବୈସରନ ଉପତ୍ୟକା । କଶ୍ମୀରର ଏ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ସେ ଦିନ ଭୟଙ୍କର ରକ୍ତପାତର ସାକ୍ଷୀ ହୋଇଥିଲା । ଠିକ୍ ବର୍ଷେ ତଳେ, ବୈସରନ୍ ଉପତ୍ୟକାରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ୨୬ ଜଣ ନିରୀହ ଲୋକଙ୍କୁ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରିଥିଲେ । ଖୁସିରେ ବୁଲୁଥିଲେ ପର୍ଯ୍ୟଟକ । ଦିନ ପ୍ରାୟ ୧ଟାରୁ ୨ଟା ୪୫ ମଧ୍ୟରେ ୩ ରୁ ୫ ଜଣ ସେନା ପୋଷାକଧାରୀ ଆତଙ୍କବାଦୀ ପହଞ୍ଚିଥିଲେ । ସେମାନଙ୍କ ହାତରେ ଥିଲା ଏକେ-୪୭ ପରି ମାରାତ୍ମକ ଅସ୍ତ୍ରଶସ୍ତ୍ର । ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କୁ





ଅଟକାଇ ସେମାନଙ୍କ ନାମ, ଧର୍ମ ଏବଂ ପରିଚୟ ପତ୍ର ମାଗିଥିଲେ। କେବଳ ଅଣ-ମୁସଲମାନ, ମୁଖ୍ୟତଃ ହିନ୍ଦୁମାନଙ୍କୁ ବାଛି ବାଛି ଅତି ପାଖରୁ ଗୁଳି କରିଥିଲେ ଆତଙ୍କବାଦୀ । ମୃତ ୨୬ ଜଣଙ୍କ ମଧ୍ୟରେ ମହାରାଷ୍ଟ୍ର, ଓଡ଼ିଶା, ଗୁଜରାଟ, କର୍ଣ୍ଣାଟକ ଏବଂ ଅନ୍ୟାନ୍ୟ ରାଜ୍ୟର ପର୍ଯ୍ୟଟକ ସାମିଲ ଥିଲେ । ଏଥିରେ ଜଣେ ନେପାଳୀ ନାଗରିକ ଏବଂ ୩ ଜଣ ସରକାରୀ ଅଧିକାରୀ ମଧ୍ୟ ଥିଲେ । ଆକ୍ରମଣରେ କାନପୁରର ନବବିବାହିତ ଶୁଭମ ଦ୍ୱିବେଦୀ ଏବଂ ହରିୟାଣାର ନୌସେନା ଅଫିସର ବିନୟ ନରୱାଲଙ୍କ ସମେତ ଅନେକ ନିରୀହ ପ୍ରାଣ ହରାଇଥିଲେ । ଜଣେ ସ୍ଥାନୀୟ ମୁସଲମାନ ବ୍ୟକ୍ତି ସୟଦ ଆଦିଲ ହୁସେନ୍ ଶାହ ପର୍ଯ୍ୟଟକଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ନିଜ ଜୀବନ ହରାଇଥିଲେ । ଛୁଟି କାଟିବାକୁ ପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଓ ପୁଅ ତନୁଜଙ୍କୁ ନେଇ କଶ୍ମୀର ଯାଇଥିଲେ ବାଲେଶ୍ୱର ଇଶାଣୀ ଗାଁର ପ୍ରଶାନ୍ତ ଶତପଥୀ । ପହଲଗାମରେ ପୁଅ ଆଗରେ ପ୍ରଶାନ୍ତଙ୍କୁ ଗୁଳି କରିଥିଲେ ଆତଙ୍କବାଦୀ । ଘଟଣାକୁ ବର୍ଷେ ବିତିଛି । କିନ୍ତୁ ସେ ଦିନ ଆଜି ବି ମୃତକଙ୍କ ପରିବାର ପାଇଁ କଳା ଦିନ ହୋଇ ରହିଛି ।

# ଭାରତୀୟ ବିମାନ ପାଇଁ ବାୟୁସୀମା ବନ୍ଦ କଲା ପାକିସ୍ତାନ: ଜାରି କଲା ନୋଟାମ

ନୂଆଦିଲ୍ଲୀ/ଇସଲାମାବାଦ: ପାକିସ୍ତାନ ଭାରତୀୟ ବିମାନ ପାଇଁ ମେ' ୨୪ ପର୍ଯ୍ୟନ୍ତ ପାକିସ୍ତାନ ନିଜ ବାୟୁସୀମା ବନ୍ଦ କରିଦେଇଛି। ଗତବର୍ଷ ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହେବା ପରେ ଭାରତ ଏବଂ ପାକିସ୍ତାନ ପରସ୍ପରର ବିମାନ ପାଇଁ ସେମାନଙ୍କର ଏୟାରସ୍ପେସ୍ ବନ୍ଦ କରିଦେଇଥିଲେ। ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷ 'ନୋଟିସ୍ ଟୁ ଏୟାରମ୍ୟାନ୍' (ନୋଟାମ୍)ରେ କହିଛନ୍ତି ଯେ ୨୪ ମେ' ୨୦୨୬ ସକାଳ ୫ଟା ପର୍ଯ୍ୟନ୍ତ ସମସ୍ତ ଭାରତୀୟ ପଞ୍ଜୀକୃତ, ଲିଜ୍ ଅର୍ଡର, ବାଣିଜ୍ୟିକ ଏବଂ ସାମରିକ ବିମାନକୁ ପାକିସ୍ତାନ ବାୟୁସୀମାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ପୂର୍ବ ନୋଟିସ୍‌ର ୨୪ ଏପ୍ରିଲ



ଶେଷ ତାରିଖ ସରିବାର ହେବାର ଦୁଇ ଦିନ ପୂର୍ବରୁ ଏହି ନୂଆ ନୋଟିସ୍ ଜାରି କରାଯାଇଥିଲା। ଭାରତ ପାଇଁ ପାକିସ୍ତାନର ଆକାଶ ସୀମା ବନ୍ଦ କରିବାର ସମୟସୀମା ବୃଦ୍ଧି ପରେ, ଭାରତୀୟ ଗୁଇନ୍ଦା ସଂସ୍ଥା 'ର'ର ପୂର୍ବତନ ଏଜେଣ୍ଟ ଲକି ବିଷ୍ଟ୍ ଦାବି କରିଛନ୍ତି ଯେ, ୨୪ ମେ' ପର୍ଯ୍ୟନ୍ତ ପାକିସ୍ତାନର ଆକାଶ ସୀମା ବନ୍ଦ କରିବା କେବଳ ଏକ ଅବରୋଧ ନୁହେଁ, ବରଂ ଏକ ରଣନୈତିକ ବ୍ଲାକଆଉଟ୍। ଇସଲାମାବାଦରେ ଆମେରିକୀୟ କେନ୍ଦ୍ରୀୟ ଗୁପ୍ତଚର ସଂସ୍ଥା(ସିଆଇଏ) ଏବଂ ପାକିସ୍ତାନର ଗୁପ୍ତଚର ସଂସ୍ଥା ଇଣ୍ଟର ସର୍ଭିସ୍ ଇଣ୍ଟେଲଜେନ୍ସ(ଆଇଏସ୍‌ଆଇ) ମଧ୍ୟରେ ଗୁପ୍ତ ଶାନ୍ତି ଆଲୋଚନା ଚାଲିଛି। ଏହା ବ୍ୟତୀତ, ଇଜିପ୍ଟ ସହିତ ଥଣ୍ଡର-୨ ସାମରିକ ଅଭ୍ୟାସ ମଧ୍ୟ ଚାଲିଛି। ସେ କହିଛନ୍ତି, ଯେକୌଣସି ବାଣିଜ୍ୟିକ ଜାହାଜର ରାଡାର ମାଧ୍ୟମରେ ଯେପରି ଭିତରର ଗତିବିଧି ଜଣା ନପଡ଼ିବ ସେଥିପାଇଁ ଜାଣିଶୁଣି ବାୟୁସୀମାକୁ ସିଲ୍ କରାଯାଇଛି। ସେ ଏହାକୁ ଏକ ଜଣାଶୁଣା ଗୁପ୍ତଚର ଢାଲ ବୋଲି କହିଛନ୍ତି। ପାକିସ୍ତାନର ଆକାଶମାର୍ଗ ଉପରେ ପ୍ରତିବନ୍ଧକ ଲାଗୁ ହେବାର ପ୍ରାୟ ଗୋଟିଏ ବର୍ଷ ବିତିଗଲାଣି, ଯାହା ଫଳରେ ଭାରତୀୟ ବିମାନଗୁଡ଼ିକୁ ବିଭିନ୍ନ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ଲମ୍ବା ରାସ୍ତା ନେବାକୁ ପଡୁଛି। ଭାରତ ୨୪ ଏପ୍ରିଲ ସକାଳ ୫:୩୦ ପର୍ଯ୍ୟନ୍ତ ପାକିସ୍ତାନୀ ବିମାନକୁ ନିଜର ଆକାଶମାର୍ଗ ବ୍ୟବହାର କରିବାକୁ ବାରଣ କରିଛି ଏବଂ ଏହି ପ୍ରତିବନ୍ଧକ ଆହୁରି ବୃଦ୍ଧି ହେବାର ସମ୍ଭାବନା ଅଛି ।ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ଦ୍ୱାରା ପାକିସ୍ତାନ ବିରୋଧରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ଏକ ଅଂଶ ଭାବରେ ଲାଗୁ ହୋଇଥିବା ଏହି ପ୍ରତିବନ୍ଧକ ପ୍ରାରମ୍ଭରେ ୨୦୨୫ ମେ' ୨୪ ପର୍ଯ୍ୟନ୍ତ ଥିଲା ଏବଂ ପରେ ପ୍ରତି ମାସରେ ବୃଦ୍ଧି କରାଯାଇଥିଲା। ୧୯୯୯ କାର୍ଗିଲ ଯୁଦ୍ଧ ଏବଂ ୨୦୧୯ ପୁଲୱାମା ସଙ୍କଟ ସମୟରେ ମଧ୍ୟ ଅତୀତରେ ଆକାଶମାର୍ଗ ବନ୍ଦ କରାଯାଇଥିଲା।

# ଦିଲ୍ଲୀ ବିପକ୍ଷରେ ଅଭିଷେକଙ୍କ ୫ ବଡ଼ ରେକର୍ଡ



ନୂଆଦିଲ୍ଲୀ,୨୨/୦୪; ଚଳିତ ଆଇପିଏଲ୍‌ରେ ହାଇଦ୍ରାବାଦ ଚତୁର୍ଥ ବିଜୟ ହାସଲ କରିଛି । ୩୧ତମ ଲିଗ୍ ମୁକାବିଲାରେ ଦଳ ୪୭ ରନରେ ଦିଲ୍ଲୀକୁ ପରାଜିତ କରିଥିଲା । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୨ ୱିକେଟ୍ ବିନିମୟରେ ୨୪୨ ରନ ସଂଗ୍ରହ କରିଥିଲା । ଜବାବରେ ଦିଲ୍ଲୀ ୯ ୱିକେଟ୍ ହରାଇ ୧୯୫ ରନ କରିବାକୁ ସକ୍ଷମ ହୋଇଥିଲା । ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଦିଲ୍ଲୀ ପାଇଁ ମହଙ୍ଗା ପଡିଥିଲା । ହାଇଦ୍ରାବାଦର ଦୁଇ ଓପନର ଅଭିଷେକ ଶର୍ମା ଓ ଟ୍ରାଭିସ ହେଡ୍ ବିସ୍ଫୋରକ ବ୍ୟାଟିଂ କରି ୫୨ଟି ବଲ୍‌ରେ ୯୭ ରନ ସଂଗ୍ରହ କରିଥିଲେ । ଅଭିଷେକଙ୍କୁ କେହି ଆୟତ୍ତ କରିପାରି ନଥିଲେ । ସେ ୪୭ଟି ବଲ୍ରୁ ଶତକ ପୂରଣ କରିଥିଲେ । ଆଇପିଏଲ୍‌ରେ ଏହା ତାଙ୍କର ଦ୍ୱିତୀୟ ଶତକ ରହିଥିଲା । ଅଭିଷେକଙ୍କ ସହ ହେନରିଚ୍ କ୍ଲାସେନ ମିଶି ଆଉ ୬୬ ରନ ଯୋଗ କରି ଦଳୀୟ ସ୍କରକୁ ୨୪୨ରେ ପହଞ୍ଚାଇଥିଲେ । ଅଭିଷେକ ୬୮ଟି ବଲ୍ ଖେଳି ୧୦ ଚୌକା ଓ ୧୦ ଛକା ବଳରେ ୧୩୫ ରନ କରି ଅପରାଜିତ ରହିଥିଲେ । ବାଉଣ୍ଡ୍ରୀ ମାରି ଶତକ ହାସଲ କରିଥିଲେ । ଏହା ସହିତ ଦିଲ୍ଲୀ ବିପକ୍ଷରେ ୫ ବଡ଼ ରେକର୍ଡ କରିଛନ୍ତି ।

ବାଉଣ୍ଡ୍ରୀରୁ ସେଞ୍ଚୁରୀ- ଅଭିଷେକ ୧୦ଟି ଛକା ମାରି ୬୦ ରନ୍ କରିଥିଲେ । ସେ ବାକି ୧୦ଟି ଚୌକା ମାରି ୪୦ ରନ୍ କରିଥିଲେ । ଏହିପରି, ୬୦ ଏବଂ ୪୦କୁ ମିଶାଇ ଅଭିଷେକ କେବଳ ବାଉଣ୍ଡ୍ରୀରୁ ୧୦୦ ରନ୍ ପୂରଣ କରିଥିଲେ ।

ସର୍ବାଧିକ ବ୍ୟକ୍ତିଗତଳ ଆଇପିଏଲ୍ ସ୍କୋର (ଅଭିଷେକ ତୃତୀୟ) । ୧୭୫ଅପରାଜିତ କ୍ରିସ୍ ଗେଲ୍, ଆରସିବି ବନାମ ପୁଣେ (୨୦୧୩) । ୧୫୮ ଅପରାଜିତ ବ୍ରେଣ୍ଡନ୍ ମ୍ୟାକକୁଲମ୍, କେକେଆର ବନାମ ଆରସିବି ଆରସିବି (୨୦୦୮) । ୧୪୧ ଅଭିଷେକ ଶର୍ମା, SRH VS PBKS (୨୦୨୫) । ୧୪୦ ଅପରାଜିତ କ୍ୱିଣ୍ଟନ୍ ଡି କକ୍, LSGVS KKR, (୨୦୨୨) । ୧୩୫ଞ୍ଚ ଅଭିଷେକ ଶର୍ମା, SRH VS DC (୨୦୨୬) ।

**ଟି-୨୦ କ୍ରିକେଟରେ ଗୋଟିଏ ଇନିଂସରେ ସର୍ବାଧିକ ଥର ୧୩୦ରୁ ଅଧିକ ସ୍କୋର-**

ଅଭିଷେକ ଶର୍ମା – ୪ ଥର, ଆରୋନ୍ ଫିଞ୍ଚ୍

କ୍ରିସ୍ ଗେଲ୍ – ୩ ଥର, ଗୋଟିଏ ଟି୨୦ ଇନିଂସରେ ୧୦ରୁ ଅଧିକ ଛକା, କ୍ରିସ୍ ଗେଲ୍ - ୧୮ ଥର, ଅଭିଷେକ ଶର୍ମା - ୫ ଥର ।

ଏଭିନ୍ ଲୁଇସ୍ ଏବଂ ଶ୍ରେୟସ ଆୟର - ୪ ଥର

ଓଟଖରେ ସର୍ବାଧିକ ଛକା- ଆଇପିଏଲରେ ସର୍ବାଧିକ ୧୦ଟି ଛକା ମାରିବାର ରେକର୍ଡ କ୍ରିସ୍ ଗେଲଙ୍କ ନାମରେ ଅଛି । ଗେଲ୍ ୪ ଥର ଏହି ସଫଳତା ହାସଲ କରିଛନ୍ତି । ଅଭିଷେକ ଦ୍ୱିତୀୟ ଥର ପାଇଁ ଏହି ସଫଳତା ହାସଲ କରିଛନ୍ତି, ଯାହା ତାଙ୍କୁ ତାଲିକାର ଦ୍ୱିତୀୟ ସ୍ଥାନକୁ ନେଇଛି ।

କମ୍ ଇନିଂସରେ କୋହଲିଙ୍କ ଟି-୨୦ ଶତକ ସମକକ୍ଷ- ଏହା ଅଭିଷେକଙ୍କ ଟି-୨୦ କ୍ୟାରିୟରରେ ନବମ ଶତକ ଥିଲା । ବିରାଟ କୋହଲି ମଧ୍ୟ ତାଙ୍କ ଟି-୨୦ କ୍ୟାରିୟରରେ ୯ଟି ଶତକ ମାରିଛନ୍ତି, କିନ୍ତୁ ସେମାନଙ୍କ ଇନିଂସ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଅଛି । ଅଭିଷେକ ମାତ୍ର ୧୮୪ ଇନିଂସରେ ୯ଟି ଶତକ ହାସଲ କରିଛନ୍ତି, ଯେତେବେଳେ କୋହଲି ୪୦୩ ଇନିଂସରେ ୯ଟି ଟି-୨୦ ଶତକ ହାସଲ କରିଛନ୍ତି । ଏହା ଉଭୟଙ୍କ ମଧ୍ୟରେ ୨୧୯ ଇନିଂସର ପାର୍ଥକ୍ୟକୁ ଦର୍ଶାଏ । ଅଭିଷେକ କୋହଲିଙ୍କ ରେକର୍ଡ ଭାଙ୍ଗିଛନ୍ତି ।

# କ୍ରିକେଟ୍‌ରେ ନିବେଶ କଲେ ଫୁଟ୍‌ବଲ୍ ତାରକା

ଲଣ୍ଡନ,୨୨।୪: ବିଶ୍ୱରେ ଲିଗ୍ କ୍ରିକେଟ୍‌ର ଲୋକପ୍ରିୟତା ବଢିଚାଲିଛି । ଏପରିକି ଫୁଟ୍‌ବଲ ଖେଳାଳିମାନେ କ୍ରିକେଟ୍‌ରେ ନିବେଶ ଆରମ୍ଭ କରିଛନ୍ତି । ଇଂଲଣ୍ଡ ଓ ରିଅଲ୍ ମାଦ୍ରିଦ୍ ମିଡ୍‌ଫିଲ୍ଡର ଜ୍ୟୁଡ୍ ବେଲିଙ୍ଗହାମ୍ ଟ୍ୱେଣ୍ଟି-୨୦ ଲିଗ୍ 'ଦି ହଣ୍ଡ୍ରେଡ୍' ଫ୍ରାଞ୍ଚାଇଜି 'ବର୍ମିହାମ୍ ଫିନିକ୍ସ'ର ଅଂଶଧନ କିଣିଛନ୍ତି ।



'ବର୍ମିହାମ୍ ଫିନିକ୍ସ'ର ମୂଲ୍ୟ ପ୍ରାୟ ୮୨ ନିୟୁତ ପାଉଣ୍ଡ ବା ୧୦୩୬ କୋଟି ଟଙ୍କା ହୋଇଥିବାବେଳେ ଆମେରିକୀୟ ନିବେଶକ ନାଇଟ୍‌ହେଡ୍ କ୍ୟାପିଟାଲ୍ ୪୯ ପ୍ରତିଶତ ଅଂଶଧନ ରଖିଥିବାବେଳେ ୱାରୱିକ୍‌ସାୟାର ୫୧ ପ୍ରତିଶତ ଅଂଶଧନ ରଖିଛି । ବେଲିଙ୍ଗହାମ୍ ଉଭୟ ୱାରୱିକ୍‌ସାୟାର ଓ ନାଇଟ୍‌ହେଡ୍ କ୍ୟାପିଟାଲ୍‌ରୁ ୦.୬ ଲେଖାଏଁ ପ୍ରତିଶତ କିଣିଛନ୍ତି । ଏଥିପାଇଁ ସେ ପ୍ରାୟ ୧ ନିୟୁତ ପାଉଣ୍ଡ ନିବେଶ କରିଛନ୍ତି ।

ତେବେ ୨୨ ବର୍ଷୀୟ ବେଲିଙ୍ଗହାମ୍‌ଙ୍କ ପାଇଁ କ୍ରିକେଟ୍ ନୂଆ ନୁହେଁ । ସେ କ୍ରିକେଟ୍‌ର ଜଣେ ପ୍ରଶଂସକଭାବେ ଜଣାଶୁଣା । ବର୍ମିହାମରେ ବଢିଥିବାରୁ କ୍ରିକେଟ୍ ପ୍ରତି ତାଙ୍କର ଅନୁରକ୍ତି ରହିଛି । ପିଲାବେଳେ ସେ ବର୍ମିହାମର ଏକ କ୍ରିକେଟ୍ କ୍ଲବ ହାଗ୍‌ଲେ କ୍ରିକେଟ୍ କ୍ଲବ ପାଇଁ ଖେଳୁଥିଲେ ।

# ମାଓ ଇଲାକାରେ କ୍ରୀଡା ମଞ୍ଜି ବୁଣୁଛନ୍ତି ମାଷ୍ଟରବ୍ଲାଷ୍ଟର୍



ରାୟପୁର: ଛତିଶଗଡର ଦାନ୍ତେୱାଡା ଏକଦା ମାଓଗଡ ଭାବେ ପରିଚିତ ଥିଲା । ଏବେ କିନ୍ତୁ ସ୍ୱୟଂ ମାଷ୍ଟର ବ୍ଲାଷ୍ଟର୍ ସଚିନ ତେନ୍ଦୁଲକର ସେଠାକୁ ଯାଇ ତୃଣମୂଳସ୍ତରରେ କ୍ରୀଡା ବିକାଶ ଲାଗି ପ୍ରୟାସ ଚଳାଇଛନ୍ତି । ଅନୁନ୍ନତ ଆଦିବାସୀ ଅଞ୍ଚଳରେ କ୍ରୀଡାକୁ ମାଧ୍ୟମ କରି ଅନେକ ପୂର୍ବତନ ମାଓବାଦୀ ଓ ସେମାନଙ୍କ ପିଲାମାନଙ୍କୁ ଆନୁଷ୍ଠାନିକ ଭାବେ ସମାଜର ମୁଖ୍ୟ ସ୍ରୋତକୁ ଆଣିବାର ମହତ କାମ କରୁଛନ୍ତି । ବିଶେଷକରୀ ଯୁବଗୋଷ୍ଠୀଙ୍କୁ କ୍ରୀଡାର ମହତ୍ତ୍ୱ ବୁଝାଇ ସେମାନଙ୍କୁ ଆଗାମୀ ସମୟରେ ଦାନ୍ତେୱାଡାକୁ ଏକ କ୍ରୀଡା ହବ୍ ଭାବେ ଗଠିନ କରିବାର ସ୍ୱପ୍ନ ଦେଖିବାକୁ ପ୍ରବର୍ତ୍ତାଉଛନ୍ତି । ଏହି ସ୍ୱପ୍ନକୁ ସାକାର କରିବାର ବାଟ ମଧ୍ୟ ସଚିନ ଦେଖାଉଛନ୍ତି । ଏହିକ୍ରମରେ ଦାନ୍ତେୱାଡାରେ 'ମଇଦାନ କପ୍' ନାମରେ ଏକ ବିଶାଳ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଛି ।

ଏଥିରେ କବାଡି ଓ ଦେଉଡକୁଦ ଭଳି ଖେଳକୁ ସାମିଲ କରାଯାଇଛି । ସଚିନଙ୍କ ପ୍ରେରଣାରେ ଏହି ପ୍ରତିଯୋଗିତାରେ ୫,୦୦୦ରୁ ଅଧିକ ପିଲା ସାମିଲ ହୋଇ ନିଜନିଜ ପ୍ରତିଭାର ପରିପ୍ରକାଶ କରିଛନ୍ତି । ସଚିନ ବୁଧବାର ଜଗଦଲପୁର ବିମାନବନ୍ଦରରେ ଓହ୍ଲାଇ ସେଠାରୁ ଦାନ୍ତେୱାଡାର ଚିନ୍ଦନାର ଗାଁ'କୁ ଯାତ୍ରା କରିଥିଲେ । ବିମାନବନ୍ଦରରେ ପତ୍ରକାରଙ୍କ ସହ କଥା ହୋଇ କହିଥିଲେ ମଇଦାନ କପ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଆମେ ୫୦ଟି ସ୍କୁଲ୍‌ରେ ଖେଳ ପଡିଆର ବିକାଶ କରୁଛି । ଯାହ ମୋତେ ବ୍ୟକ୍ତିଗତ ଭାବେ ଢେର ଆତ୍ମସନ୍ତୋଷ ଦେଇଛି । ଗ୍ରାମୀଣ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ କାମ କରୁଥିବା ମାନ୍ ଦେଶୀ ପ୍ରତିଷ୍ଠାନ ଏବଂ ସଚିନ ତେନ୍ଦୁଲକର ଫାଉଣ୍ଡେସନ୍‌ର ମିଳିତ ପ୍ରୟାସରେ ଏହି କାର୍ଯ୍ୟ ସେ ହାତକୁ ନେଇଥିବା ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଯେ ନିକଟରେ ଛତିଶଗଡରେ ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡା ସଫଳତାର ସହ ଆୟୋଜିତ ହୋଇସାରିଛି ।

# ଭାରତୀୟ ଭଲିବଲ୍ ସଂଘର ମାନ୍ୟତା ପ୍ରତ୍ୟାହାର

ନୂଆଦିଲ୍ଲୀ,୨୨।୪: ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘ (ଏଫଆଇଭିବି) ଏକ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭାରତୀୟ ଭଲିବଲ୍ ସଂଘର ମାନ୍ୟତା ପ୍ରତ୍ୟାହାର କରିଦେଇଛି । 'ଆଇନଗତ ଓ ପ୍ରଶାସନିକ ନିୟମାବଳୀ' ଉଲ୍ଲଙ୍ଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଭାରତରେ ଏଫଆଇଭିବିର ନିୟମାବଳୀକୁ ପାଳନ କରାଯାଉନାହିଁ ବୋଲି ମହାସଂଘ ଏକ ବୟାନରେ ପ୍ରକାଶ କରିଛି । କିଛିଦିନ ତଳେ ଚୟନ ପ୍ରକ୍ରିୟାରେ ରାଜନୀତି ଓ ଖରାପ ଓ ଅବୈଜ୍ଞାନିକ ଭିତ୍ତିଭୂମି ଅଭିଯୋଗ କରି ଦୁଇଜଣ ବରିଷ୍ଠ ଖେଳାଳି ଜାତୀୟ ଶିବିର ଛାଡ଼ିଥିଲେ । ଏହା ସହିତ ଏଫଆଇଭିବି ଏକ ଷ୍ଟିୟରିଂ କମିଟି ଗଠନ କରିଛି ଯେଉଁଥିରେ ଏହି ଅନ୍ତର୍ଜାତୀୟ ସଂଗଠନ ଓ ଭାରତୀୟ ଅଲମ୍ପିକ ସଂଘର ପ୍ରତିନିଧିମାନେ ରହିଛନ୍ତି । ଭାରତରେ ଏହି କ୍ରୀଡ଼ାର ସୁରକ୍ଷା ଓ ବିକାଶ ଦିଗରେ ଏହି କମିଟି କାର୍ଯ୍ୟ କରିବ । ଭାରତୀୟ ଭଲିବଲ୍ ସଂଘର ମାନ୍ୟତା ବାତିଲ ହୋଇଥିବାରୁ ଏହି ଷ୍ଟିୟରିଂ କମିଟିକୁ ଅସ୍ଥାୟୀଭାବେ ପ୍ରଶାସନିକ କ୍ଷମତା ଦିଆଯାଇଛି, ଯେପରିକି ଭାରତରେ ଭଲିବଲ୍ ପରିଚାଳନାରେ କୌଣସି ସମସ୍ୟା ସୃଷ୍ଟି ନହୁଏ ।

10001/78/2627

# ଅଂଶୁଘାତ ସତର୍କତା

## ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



## ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ । ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ । ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

## ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-:10001/10003/2/26-27/0006

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଧୂମପାନ କରି ବିବାଦରେ ରବାଡା

ଅହମଦାବାଦ,୨୨।୪: ପୁଣି ଥରେ ବିବାଦ ଘେରକୁ ଚାଲିଆସିଛନ୍ତି ଗୁଜରାଟ ଟାଇଟନ୍ସ ଦ୍ରୁତ ବୋଲର୍ କାସିଗୋ ରବାଡା । ଦଳୀୟ ହୋଟେଲ୍‌ର ଏକ ସର୍ବସାଧାରଣ ସ୍ଥାନରେ ସେ ସିଗାରେଟ୍ ସେବନ କରୁଥିବାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି । ଭିଡିଓରେ ଦେଖାଯାଉଛି ଯେ ଗୁଜରାଟ ଟାଇଟନ୍ସ ଦଳ ରହୁଥିବା ଏକ ହୋଟେଲର ବାଲକୋନିରେ ରବାଡା ଓ ଆଉ କିଛି ସଦସ୍ୟ ଅଛନ୍ତି । ଏହି ସମୟରେ ରବାଡା ସିଗାରେଟ୍ ଟାଣୁଛନ୍ତି । ଉକ୍ତ ସ୍ଥାନରେ ଲାଗିଥିବା ଏକ ଛତା ତଳେ ଦଳର ଆଉ ଜଣେ ସଦସ୍ୟ କିମ୍ବା ସହାୟକ କର୍ମଚାରୀ ସିଗାରେଟ୍ ଟାଣୁଥିବା ଦେଖାଉଛି । କିନ୍ତୁ ତାଙ୍କ ମୁହଁ ଦେଖାଯାଉନାହିଁ । ଏହି ଭିଡିଓ ଭାଇରାଲ୍ ହେବା ପରେ ଲୋକମାନେ ନିଜର ମନ୍ତବ୍ୟ ଦେବା ଆରମ୍ଭ କରିଛନ୍ତି । କେତେକ ଲେଖିଛନ୍ତି ଯେ ସିଗାରେଟ୍ ଟାଣିବା ଡୋପିଂ ଆଇନର ଉଲ୍ଲଙ୍ଘନ ନଥିଲେ ବି ରବାଡା ଜଣେ ଲୋକପ୍ରିୟ କ୍ରିକେଟର ହୋଇଥିବାରୁ ସର୍ବସାଧାରଣ ସ୍ଥାନରେ ଧୂମପାନ କରି ଯୁବ ସମାଜକୁ ଏକ ଖରାପ ବାର୍ତ୍ତା ଦେଉଛନ୍ତି । ଗତବର୍ଷ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି-୨୦ ଲିଗ୍ ସମୟରେ ସେ କୋକେନ ସେବନ କରୁଥିବା ପ୍ରମାଣିତ ହେବା ପରେ ତାଙ୍କୁ କିଛି ସମୟ ପାଇଁ ବାସନ୍ଦ କରାଯାଇଥିଲା । କିନ୍ତୁ ପରେ ବାସନ୍ଦାଦେଶକୁ ପ୍ରତ୍ୟାହାର କରିନିଆଯାଇଥିଲା ।



# ସେହବାଗଙ୍କ ୧୩୦ କୋଟିର ଘର

ନୂଆଦିଲ୍ଲୀ,୨୨।୪: ଅବସର ପରେ ମଧ୍ୟ ପୂର୍ବତନ ବିସ୍ଫୋରକ ଓପନର୍ ବୀରେନ୍ଦ୍ର ସେହବାଗ ଭାରତୀୟ କ୍ରିକେଟ୍‌ର ଅନ୍ୟତମ ପ୍ରଭାବଶାଳୀ ପୁରୁଷ ଭାବେ ପରିଗଣିତ ହୁଅନ୍ତି । ମଜାଦାର ଟ୍ୱିଟ୍‌ଠାରୁ ଆରମ୍ଭ କରି ଧାରାବିବରଣୀ ଦେଲା ବେଳେ ବେପରୁଆ ତଥା ବିନ୍ଦାସ ଶୈଳୀ ପାଇଁ ଆଜି ବି ସେ ପ୍ରଶଂସକଙ୍କ ହୃଦୟରେ ରାଜ୍ କରନ୍ତି । ନଜଫଗଡର କ୍ରିକେଟ୍ ନବାବ ଭାବେ ପରିଚିତ ସେହବାଗ ଏବେ ଏକ ଭିନ୍ନ କାରଣ ପାଇଁ ଚର୍ଚ୍ଚାକୁ ଆସିଛନ୍ତି । ଦିଲ୍ଲୀର ହଜ ଖସ୍ ଅଞ୍ଚଳରେ ସେ ନିଜର ସ୍ୱପ୍ନର ମହଲ ନିର୍ମାଣ କରିଛନ୍ତି । ଯାହାର ଏବେକାର ବଜାର ମୂଲ୍ୟ ୧୩୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଏହି ବିଶାଳପୂର୍ଣ୍ଣ କୋଠାଟିର ନାଁ ସେ ନିଜ ମା' କ୍ରିଷ୍ଣାଙ୍କ ନାଁ ଅନୁସାରେ 'କ୍ରିଷ୍ଣା ନିବାସ' ରଖିଛନ୍ତି । ସନ୍ତୁଳନ, ଶୃଙ୍ଖଳା ଓ ସାମାଜିକ ମୂଲ୍ୟବୋଧ ପ୍ରତିଫଳନ କରୁଥିବା ଏହି କୋଠାଠିରେ ରହିଛି ୧୨ଟି ଶୟନ କକ୍ଷ । ଘରର ଆଭ୍ୟନ୍ତରୀଣ ସାଜସଜାରେ ଭାରତୀୟ କାରୁକାର୍ଯ୍ୟର ବିସ୍ତୃତ ଝଲକ ରହିଛି । ମା' କ୍ରିଷ୍ଣାଙ୍କ ଭାବନାକୁ ସମ୍ମାନଜଣାଇ ସେହବାଗ ମଧ୍ୟ ଏକ ବଡ ପୂଜା ଘର ନିର୍ମାଣ କରିଛନ୍ତି ।

## ଟି-୨୦ ବିଶ୍ୱକପରେ ଡ୍ରଗ୍ସ ନେଇ ଖେଳୁଥିଲେ ପାକିସ୍ତାନୀ କ୍ରିକେଟର

ନୂଆଦିଲ୍ଲୀ ୨୨।୪: ସବୁବେଳେ କିଛି ନା କିଛି କାରଣ ପାଇଁ ବିବାଦରେ ଫସିଥାନ୍ତି ପାକିସ୍ତାନୀ କ୍ରିକେଟର । ଏବେ ବିବାଦ ଘେରରେ ଫସିଛନ୍ତି ପାକିସ୍ତାନର ଅଲରାଉଣ୍ଡର ମହମ୍ମଦ ନୱାଜ୍ । ସେ ଟି-୨୦ ବିଶ୍ୱକପ ସମୟରେ ଡ୍ରଗ୍ସ ନେଇ ଖେଳୁଥିବାର ଖବର ଆସିଛି । ଡ୍ରଗ୍ସ ଟେଷ୍ଟ ହୋଇଥିବାବେଳେ ମହମ୍ମଦ ନୱାଜଙ୍କ ପଜିଟିଭ୍ ଆସିଛି । ଏବେ ଘଟଣାର ତନାଘନା ଆରମ୍ଭ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ । ରିପୋର୍ଟ ଅନୁଯାୟୀ ଟୁର୍ଣ୍ଣାମେଣ୍ଟ ସମୟରେ ଖେଳାଳିଙ୍କ ନିୟମିତ ନମୁନା ନିଆଯାଇଥାଏ । ଏହି ସମୟରେ ନିଆଯାଇଥିବା ନମୁନାର ପଜିଟିଭ୍ ଆସିଥିବା ଜଣାପଡ଼ିଛି । ତେବେ ପାକିସ୍ତାନ ଗତ ଟି-୨୦ ବିଶ୍ୱକପର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମହମ୍ମଦ ନୱାଜ । ନୱାଜ ୫ ପାଳିରେ ମାତ୍ର ୧୫ ରନ କରିଥିବାବେଳେ ୭ ୱିକେଟ୍ ନେଇଥିଲେ । ଖରାପ ପ୍ରଦର୍ଶନ ପାଇଁ ଇଂରାଜୀ କାଉଣ୍ଟି କ୍ରିକେଟ କ୍ଲବ ସହ ତାଙ୍କର ଚୁକ୍ତି ବାତିଲ୍ କରାଯାଇଥିଲା । ସେପଟେ ପାକିସ୍ତାନ ସୁପର ଲିଗରେ ମଧ୍ୟ ଏବେ ଭଲ ପ୍ରଦର୍ଶନ କରିବାରେ ବିଫଳ ହେଉଛନ୍ତି ନୱାଜ । ମୁଲତାନ ସୁଲତାନ ପାଇଁ ଖେଳୁଥିବାବେଳେ ଫର୍ମ ପାଇଁ ସଂଘର୍ଷ ଜାରି ରଖିଛନ୍ତି । ସେ ୮ ପାଳିରେ ମାତ୍ର ୩୬ ରନ୍ କରିଛନ୍ତି । ତେବେ ଟି-୨୦ ବ୍ଲାଷ୍ଟର ପାଇଁ ଖେଳିବା ପାଇଁ ପୂର୍ବରୁ ଏନଓସି ପାଇ ସାରିଛନ୍ତି ନୱାଜ । ମାତ୍ର ସେ ଏବେ ଏଥିରେ ଭାଗ ନେଇପାରିବେ ନାହିଁ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ